ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.17 Bhubaneswar Tuesday February 21 2023 | ୨୬ତମ ବର୍ଷ ସଂଖ୍ୟା-୧୭ ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୨୧, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ବିଧାନସଭା ଅଧିବେଶନ: ରଣନୀତି ଚୂଡ଼ାନ୍ତ କଲା ବିଜେପି, ଆସନ୍ତାକାଲି ବିଜେଡି ଓ କଂଗ୍ରେସର

ଭୁବନେଶ୍ୱର,୨୦।୨(ପି.ଏନ): ଆସନ୍ତାକାଲିଠୁ ଆରମ୍ଭ ହେଉଥିବା ବିଧାନସଭାର ବଜେଟ୍ ଅଧିବେଶନ ବେଶ୍ ସରଗରମ ହେବାର ଆଶଙ୍କା ରହିଛି । ଦୁଇ ବିରୋଧୀ ଦଳ ବିଜେପି ଓ କଂଗ୍ରେସ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ବିଧାନସଭାରେ ଘେରିବା ପାଇଁ ଘୋଷଣା କରିଥିବାବେଳେ ଶାସକ ବିଜେଡି ଗୃହରେ କେନ୍ଦ୍ରୀୟ ଅବହେଳା, ଚାଉଳ କାଟ, ରେଳବାଇ ଆଦି ପ୍ରସଙ୍ଗ ଉଠାଇ ନିଜର ଆତ୍ମରକ୍ଷା କରିବ ବୋଲି ଜଣାପଡିଛି । ଆଜି ବିଜେପି ବିଧାୟକ ଦଳ ବୈଠକ ବସି ବିଧାନସଭା ଅଧିବେଶନ ପାଇଁ ରଣନୀତି ଚୂଡାନ୍ତ ହୋଇଥିବାବେଳେ ଆସନ୍ତାକାଲି ବିଜେଡି ଓ କଂଗ୍ରେସର ବିଧାୟକ ଦଳ ପୃଥକ ଭାବେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।ବାଚସ୍ପତି ବିକ୍ରମ କେଶରୀ ଆରୁଖ ଆଜି ଡାକିଥିବା ସର୍ବଦଳୀୟ ବୈଠକରେ ଗୃହ କାର୍ଯ୍ୟର ସୁପରିଚାଳନା ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ତେବେ ଅସୁସ୍ଥ ଥିବା ବିଧାୟକ ଭର୍ଚୁଆଲରେ ଗୃହ କାର୍ଯ୍ୟରେ ସାମିଲ ହୋଇପାରିବେ ବୋଲି ଶାସକ ଦଳର ପ୍ରସ୍ତାବକୁ କଂଗ୍ରେସ ସମର୍ଥନ କରିଥିବାବେଳେ




ବିଜେପି ଏହାର ଆବଶ୍ୟକତା କ'ଣ ବୋଲି ପ୍ରଶ୍ନ କରିଛି । କରୋନା ନଥିବାବେଳେ ଏଭଳି ଭର୍ଚୁଆଲ ବ୍ୟବସ୍ଥାର ଆବଶ୍ୟକତା ନାହିଁ ଓ ସମସ୍ତେ ଗୃହରେ ଉପସ୍ଥିତ ରୁହନ୍ତୁ ବୋଲି ଦାବି କରିଥିଲା । ଯାହାକୁ ନେଇ ଅସହମତି ହେବାରୁ ବିଜେପି ସର୍ବଦଳୀୟ ବୈଠକକୁ ବର୍ଜନ କରିଛି ।ଏପଟେ ସନ୍ଧ୍ୟାରେ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ଅଧକ୍ଷତାରେ ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି । ବୈଠକ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ କହିଛନ୍ତି ଯେ, ବିଧାନସଭାରେ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ଦଳ ମୁଖ୍ୟ ପ୍ରସଙ୍ଗ କରିବ । ଦୀର୍ଘ ୨୩ ବର୍ଷ ଧରି ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ଶାସନ କାଳ ସମୟରେ ଆଇନଶୃଙ୍ଖଳା ଓ ଓଡିଶାବାସୀଙ୍କ ସୁରକ୍ଷା ସମ୍ପୂର୍ଣ୍ଣ ବିପଦରେ । ରାଜ୍ୟରେ ହତ୍ୟା, ଅପହରଣ, ଦୁଷ୍କର୍ମ, ନାରୀ ନିର୍ଯାତନା ଘଟଣା ବୃଦ୍ଧି ପାଇବାରେ ଲାଗିଛି । ଏହାସହିତ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା, ସର୍ବକାଳୀନ ସର୍ବାଧିକ ରେଳ ବଜେଟ୍, ବିଜେଡି ସରକାରରେ ଚାଉଳ ହଡପ, ପ୍ରଧାନମନ୍ତ୍ରୀ ଆବାସରେ ଦୁର୍ନୀତି, ଧାନମଣ୍ଡି ଏବଂ ଏମଏସପି ପ୍ରସଙ୍ଗରେ ମିଲର୍ସଙ୍କ ଭାଷା କହି ଚାଷୀଙ୍କୁ ପ୍ରତାରଣା, ଖଣି ଦୁର୍ନୀତି, ଧାନ କଟନୀ ଛଟନୀ, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ବେକାରୀ, ପ୍ରାଥମିକ ଶିକ୍ଷା ବ୍ୟବସ୍ଥା, ଦାଦନ ସମସ୍ୟା ସମେତ ସାଧାରଣ ଲୋକଙ୍କ ସମସ୍ୟା ଏବଂ ସାଂପ୍ରତିକ ପରିସ୍ଥିତିକୁ ନେଇ ବିଜେପି ବିଧାନସଭାରେ ସ୍ୱର ଉଠାଇବ । ଓଡିଶାରେ ଲୋକେ ନ୍ୟାୟ ପାଇବା ପାଇଁ ତ୍ରାହି ତ୍ରାହି ଡାକୁଛନ୍ତି । ଜନତାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଧାନସଭାରେ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ମୁଖ୍ୟ ପ୍ରସଙ୍ଗ କରିବା ସହ ନ୍ୟାୟ ପାଇଁ ସ୍ୱର ଉଠାଇବ ।

## ଆଜିଠୁ ଓଡିଶା ବିଧାନସଭାର ବଜେଟ ଅଧିବେଶନ

### ଦୁଇଟି ପର୍ଯ୍ୟାୟରେ ଚାଲିବ , ୨୪ରେ ବଜେଟ ଉପସ୍ଥାପନ

ଭୁବନେଶ୍ୱର,୨୦।୨(ପି.ଏନ): ରାଜ୍ୟ ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତାକାଲି (ମଙ୍ଗଳବାର)ଠାରୁ ଆରମ୍ଭ ହେବ। ଏହି ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଏପ୍ରିଲ ମାସ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ପର୍ଯ୍ୟାୟରେ ଫେବୃଆରୀ ୨୧ରୁ ମାର୍ଚ୍ଚ ୧ ତାରିଖ ଯାଏଁ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ମାର୍ଚ୍ଚ ୧୦ ତାରିଖରୁ ଏପ୍ରିଲ ୬ ତାରିଖ ଯାଏଁ ଗୃହଚାଲିବ। ଦ୍ୱାଦଶ ଅଧିବେଶନର କାର୍ଯ୍ୟସୂଚୀ ଅନୁଯାୟୀ ଏହି ବିଧାନସଭା ଅଧିବେଶନରେ ମୋଟ ୨୭ଟି କାର୍ଯ୍ୟଦିବସ ରହିଛି । ଅଧିବେଶନର ପ୍ରଥମ ଦିନରେ ଶୋକ ପ୍ରସ୍ତାବ ଆଗତ ହେବ ଏବଂ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗୃହରେ ଅଭିଭାଷଣ ରଖିବେ। ୨୨ ଓ ୨୩ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବ। ଫେବୃଆରୀ ୨୪ ତାରିଖରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରିବେ। ଫେବୃଆରୀ ୨୭ରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ବଜେଟ୍ ଉପରେ ଆଲୋଚନା ହେବ। ମାର୍ଚ୍ଚ ୧୦ ତାରିଖ ଦ୍ୱିତୀୟ ପର୍ଯ୍ୟାୟ ଅଭିବେଶନ ଆରମ୍ଭ ହେବା ସହ ସ୍ଥାୟୀ କମିଟି ମାନଙ୍କର ରିପୋର୍ଟ ଉପସ୍ଥାପନ ହେବ। ମାର୍ଚ୍ଚ ୧୩, ୧୪, ୧୫ , ୧୬, ୧୭,୧୮,୨୦, ୨୧,୨୨,୨୩,୨୪ ,୨୭,୨୮,ଓ ୨୯ ତାରିଖରେ ଅନୁଦାନ ନିମନ୍ତେ ଖର୍ଚ୍ଚ ଦାବି ଆଗତ ହେବ। ମାର୍ଚ୍ଚ ୩୧ ତାରିଖରେ ୨୦୨୩-୨୪ ବର୍ଷ ପାଇଁ ବିନିଯୋଗ ବିଲ୍ ଉପସ୍ଥାପନ କରାଯିବ। ଏହାପରେ ଏପ୍ରିଲ୍ ୩ ଓ ୫ ତାରିଖ ସରକାରୀ କାର୍ଯ୍ୟ ଦିବସ ରହିଥିବା ବେଳେ ୪ ଓ ୬ ତାରିଖ ବେସରକାରୀ କାର୍ଯ୍ୟ ଦିବସ ରହିଛି। ଅଧିବେଶନ ପୂର୍ବରୁ ସୋମବାର ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତହୋଇଛି। ବୈଠକ ପରେ ବାଚସ୍ପତି କହିଛନ୍ତି ଯେ ସର୍ବଦଳୀୟ ବୈଠକ ଆଲୋଚନାରେ ୧୫ଟି ବିଷୟବସ୍ତୁ ଥିଲା। ଗୃହ ଯେପରି ସୂଚାରୁ ରୂପେ ଚାଲିବ ସେନେଇ ସଭ୍ୟମାନେ ମତ ପ୍ରଦାନ କରିଛନ୍ତି। ଚଳିତ ଥର ସାମ୍ବାଦିକ ମାନଙ୍କୁ ପ୍ରେସ୍ ଗ୍ୟାଲେରୀକୁ ଛଡାଯିବ। ଏଥର ସାଧାରଣ ଲୋକ ମଧ୍ୟ ବିଧାନସଭାକୁ ଆସିପାରିବେ। ସେମାନଙ୍କୁ ସ୍ପିକର ଗ୍ୟାଲେରୀ ଓ ଦର୍ଶକ ଗ୍ୟାଲେରୀକୁ ଛଡାଯିବାକୁ ନିଷ୍ପତି ହୋଇଛି। ଦର୍ଶକମାନଙ୍କୁ ବିଧାୟକମାନଙ୍କ ଜରିଆରେ ଦର୍ଶକ ଗ୍ୟାଲେରୀ ପାଇଁ ପ୍ରବେଶ ପତ୍ର ପ୍ରଦାନ କରାଯିବ । ସ୍ୱାସ୍ଥ୍ୟଗତ କାରଣରୁ ଗୃହ କାର୍ଯ୍ୟରେ ଯୋଗ ଦେଇପାରୁନଥିବା ଅସୁସ୍ଥ ବିଧାୟକମାନେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଭାଗ ନେଇପାରିବେ। ଅପରପକ୍ଷରେ ବଜେଟ୍ ଅଧିଶେନ ପୂର୍ବରୁ ସୋମବାର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଅନ୍ୟ ବରିଷ୍ଠ ଅଧିକାରୀ ମାନଙ୍କ ସହ ସୁରକ୍ଷା ବ୍ୟବସ୍ଥାର ଯାଂଚ କରିଛନ୍ତି ।

## ନକ୍ସଲ ହମଲା, ୨ ପୁଲିସ କର୍ମଚାରୀ ସହିଦ

ଭୁବନେଶ୍ୱର,୨୦।୨(ପି.ଏନ): ପୁଣି ନକ୍ସଲ ହମଲା। ଛତିଶଗଡ଼ର ରାଜନନ୍ଦଗାଓଁରେ ନକ୍ସଲ ଆକ୍ରମଣରେ ୨ ଜଣ ପୁଲିସ କର୍ମରୀ ସହିଦ ହୋଇଛନ୍ତି। ରାଜନନ୍ଦଗାଓଁ ଜିଲାର ବୋରତଲାଓ ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି । ବୋରତଲାଓ ଥାନା ନିକଟସ୍ଥ ଗୋନ୍ଦିଆ-ମହାରାଷ୍ଟ୍ର ସୀମାରେ ଅବସ୍ଥିତ ଚେକ୍ ପୋଷ୍ଟରେ କାର୍ଯ୍ୟରତ ଥିବାବେଳେ ହଠାତ୍ ଜଙ୍ଗଲରୁ ଆସି ନକ୍ସଲମାନେ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଏଥିରେ ଦୁଇ ଜଣ ପୁଲିସ କର୍ମଚାରୀ ସହିଦ ହୋଇଛନ୍ତି। ସହିଦ ଦୁଇ ଜଣ ହାବିଲଦାର ରାଜେଶ ଓ କନଷ୍ଟେବଳ ଲଳିତ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଆଜି ସକାଳେ ଯବାନମାନେ ଚେକ୍ ପୋଷ୍ଟରେ ଗାଡ଼ି ଯାଞ୍ଚ କରୁଥିଲେ।ଏହି ସମୟରେ ନକ୍ସଲମାନେ ହଠାତ୍ ଗୁଳି ଚାଳନା କରିଥିଲେ। ଏଥିରେ ଦୁଇ ଜଣ ଯବାନ ପ୍ରାଣ ହରାଇଛନ୍ତି। ଏଥିସହ ସେମାନେ ବାଇକ୍‌ରେ ମଧ ନିଆଁ ଲଗାଇ ଦେଇଥିଲେ। ଖବର ପାଇବା ମାତ୍ରେ ଅତିରିକ୍ତ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘଟଣାର ତଦନ୍ତ କରାଯାଉଛି। ବର୍ତ୍ତମାନ ପୁଲିସ ଦ୍ୱାରା ନକ୍ସଲମାନଙ୍କ ସଂଖ୍ୟା ଏବଂ ଘଟଣା କିପରି ଘଟିଲା ସେ ସମ୍ବନ୍ଧରେ ସୂଚନା ସଂଗ୍ରହ କରାଯାଉଛି ।ଅନ୍ୟପକ୍ଷରେ ଛତିଶଗଡ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ନକ୍ସଲ ହିଂସାରେ ଦୁଇ ଯବାନଙ୍କ ଶହୀଦ ଖବରକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୦ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

-ପ୍ରକାଶକ

## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ହେବ ଚଳିତ ବିଧାନସଭାର ମୁଖ୍ୟ ପ୍ରସଙ୍ଗ : ମୋହନ ମାଝୀ

ଭୁବନେଶ୍ୱର, ୨୦।୨(ପି.ଏନ): ବିଧାନସଭାରେ ସରକାରଙ୍କୁ ଘେରିବାକୁ ପ୍ରସ୍ତୁତି କରିଛି ମୁଖ୍ୟ ବିରୋଧ ଦଳ ବିଜେପି। ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ହତ୍ୟା, ଅପହରଣ, ଦୁଷ୍କର୍ମ, ନାରୀ ନିର୍ଯ୍ୟାତନା, ମାଗଣା ଚାଉଳ, ଅମୃତକାଳ ବଜେଟ, ସର୍ବକାଳୀନ ସର୍ବାଧିକ ରେଳ ବଜେଟ୍, ବିଜେଡି ସରକାରରେ ଚାଉଳ ହଡପ, ପ୍ରଧାନମନ୍ତ୍ରୀ ଆବାସ, ଧାନମଣ୍ଡି ଏବଂ ଏମଏସପି ପ୍ରସଙ୍ଗରେ ମିଲର୍ସଙ୍କ ଭାଷା କହି ଚାଷୀକୁଳକୁ ପ୍ରତାରିତ, ଜିପିଡିପି, ଖଣି ଦୁର୍ନୀତି, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ବେକାରୀ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା, ଦାଦନ ସମସ୍ୟା, ଜଙ୍ଗଲ ପରିବେଶ ଇତ୍ୟାଦି ସାଧାରଣ ଲୋକଙ୍କ ସମସ୍ୟା ଏବଂ ସାଂପ୍ରତିକ ପରିସ୍ଥିତିକୁ ନେଇ ବିଜେପି ବିଧାନସଭାରେ ସ୍ୱର ଉଠାଇବ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି ।ମଙ୍ଗଳବାର ଠାରୁ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେବାକୁ ଥିବା ବେଳେ ଦଳୀୟ ରଣନୀତି ପ୍ରସ୍ତୁତ କରିବାକୁ ସୋମବାର ରାଜ୍ୟ କାର୍ଯ୍ୟାଳୟରେ ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଭାପତି ସମୀର ମହାନ୍ତି, ବିଜେପି ଜାତୀୟ ସାଧାରଣ ସମ୍ପାଦକ ତଥା କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ , ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସୁକାନ୍ତ ନାୟକ, ଭବାନୀ ଭୋଇ, ନାଉରୀ ନାୟକ, ଶଙ୍କର ଓରାମ, ଡ.ମୁକେଶ ମହାଲିଙ୍ଗ, କେ.ନାରାୟଣ ରାଓ, ଜୟନ୍ତ ଷଡଙ୍ଗୀ, ନିତ୍ୟାନନ୍ଦ ଗଣ୍ଡ, ସନାତନ ବିଜୁଳି, ଗଣେଶରାମ ଖୁଂଟିଆ, ପ୍ରକାଶ ସୋରେନ, ଡ. ବୁଧାନ ମୁର୍ମୁ, ନବଚରଣ ମାଝି, ସୂରଜ ସୂର୍ଯ୍ୟବଂଶୀ ସ୍ଥିତପ୍ରଜ୍ଞ ପ୍ରମୁଖ ଉପସ୍ଥିତ ଥିଲେ ।ବରିଷ୍ଠ ମନ୍ତ୍ରୀ ନବ ଦାସଙ୍କୁ ହତ୍ୟା , ମୁଖ୍ୟମନ୍ତ୍ରୀଙ୍କ ଶାସନ କାଳ ସମୟରେ ଆଇନଶୃଙ୍ଖଳା ଓ ଓଡ଼ିଶାବାସୀଙ୍କ ସୁରକ୍ଷା ସମ୍ପୂର୍ଣ୍ଣ ବିପଦକୁ ମୁଖ୍ୟ ପ୍ରସଙ୍ଗ କରିବ ବିଜେପି। ଜନତାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଭାରତୀୟ ଜନତା ପାର୍ଟି ବିଧାନସଭାରେ ମୁଖ୍ୟପ୍ରସଙ୍ଗ ରଖିବା ସହ ନ୍ୟାୟ ଲାଗି ସ୍ୱର ଉଠାଇବ। ବିଜୁଳିର ଦରବୃଦ୍ଧି, ପ୍ରଧାନମନ୍ତ୍ରୀ ଆବାସ ତାଲିକାରେ ବ୍ୟାପକ ମାତ୍ରାରେ ଦୁର୍ନୀତି ପ୍ରସଙ୍ଗ ମଧ୍ୟ ଉଠାଇବେ ବିଜେପି ବିଧାୟକ। ସେହିପରି ଧାନମଣ୍ଡିରେ ପୂର୍ବରୁ ଗୋଟିଏ କ୍ୱିଂଟାଲରେ ୧୦ ରୁ ୧୫କେଜି ଧାନ କଟନୀ ଛଟନୀ ହେଉଛି। ବସ୍ତା, ସୂତୁଲି ଓ ଭଡା ଟଙ୍କା ଚାଷୀଙ୍କୁ ଦେଉନାହାନ୍ତି ରାଜ୍ୟ ସରକାର। କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରୀବ ଅନ୍ନ ଯୋଜନାରେ ଗରୀବ ଲୋକଙ୍କୁ ମାଗଣା ଚାଉଳ ଦେଉଛନ୍ତି। କିନ୍ତୁ ବିଜୁ ଜନତା ଦଳ ଓଡିଶାର ୨ଲକ୍ଷ ଅକଲି ରାସନ କାର୍ଡ ଧାରୀଙ୍କ ନାଁରେ ଚାଉଳ ଉଠାଇ ଚଂଚକତା କରୁଛି। କେନ୍ଦ୍ର ସରକାର କୋଭିଡ ସମୟରେ ରିଲିଫ ପାଇଁ ୧୦କେଜି ଚାଉଳ ଯୋଗାଇ ଦେଉଥିଲେ। କିନ୍ତୁ ସେହି ଚାଉଳକୁ ରାଜ୍ୟ ସରକାର ନିଜେ ଦେଉଛନ୍ତି କହି ଓଡ଼ିଶାବାସୀଙ୍କୁ ଭୂଆଁ ବୁଲାଉଥିଲେ। ଏବେ ମୋଦୀ ସରକାର ରିଲିଫ ବନ୍ଦ କରି ଓଡ଼ିଶାର ଲୋକଙ୍କୁ ୫କେଜି ଚାଉଳ ମାଗଣା ଦେଉଛନ୍ତି। କିନ୍ତୁ ବିଜେଡି ସରକାର ମିଥ୍ୟା ପ୍ରଚାର କରୁଛନ୍ତି ଯେ, କେନ୍ଦ୍ର ସରକାର ଗରୀବଙ୍କ ପେଟକୁ ଲାତ ମାରୁଛି । ସତରେ ଯଦି ରାଜ୍ୟ ସରକାର ମାଗଣା ଦେଉଥିଲେ ତାହାଲେ ଏବେ ଦିଅନ୍ତୁ ବୋଲି ଶ୍ରୀ ମାଝୀ କହିଛନ୍ତି।

## ଖେଳ, ଗୀତ ଓ କାହାଣୀ ଜରିଆରେ ପାଠ ପଢିବେ ଶିଶୁ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୦।୨(ପି.ଏନ): ଶିଶୁଙ୍କୁ ଖେଳ, ଗୀତ ଓ କାହାଣୀ ଜରିଆରେ ପାଠ ପଢିବା ପାଇଁ ଜାତୀୟ ଶିକ୍ଷା ନୀତି ଅନ୍ତର୍ଗତ ପ୍ରାରମ୍ଭିକ ପର୍ଯ୍ୟାୟରେ ଶିଖିବା ଓ ଶିଖାଇବାର ଉପକରଣ "ଜାଦୁଇ ପିଟାରା"ର ଉନ୍ମୋଚନ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପାଠପଢା ଦୃଶ୍ୟପଟ୍ଟକୁ ଅଧିକ ଜୀବନ୍ତ କରିବା ଦିଗରେ ଏକ ଐତିହାସିକ ଦିନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ୩ ବର୍ଷରୁ ୮ ବର୍ଷ ଶିଶୁଙ୍କ ପାଇଁ ଖେଳ ଆଧାରିତ ଶିକ୍ଷା ଶିଖିବା ଏବଂ ଶିଖାଇବାର ଉପକରଣ ଶୁଭାରମ୍ଭ ହୋଇଯାଇଛି। "ଯାଦୁଇ ପିଟାରା" ଏଭଳି ଏକ ପଦକ୍ଷେପ, ଯେଉଁଥିରେ ପିଲାମାନେ ବିଭିନ୍ନ ଖେଳ, ଗୀତ, କାହାଣୀ ଏବଂ ବିଭିନ୍ନ କାର୍ଯ୍ୟକଳାପ ମାଧ୍ୟମରେ ପିଲାମାନେ ପାଠ ପଢିବେ। ଜାତୀୟ ଶିକ୍ଷା ନୀତି ଆଧାରରେ ଯାଦୁଇ ପିଟାରା ଜାତୀୟ ପାଠ୍ୟକ୍ରମ ରୂପରେଖ(ଏନସିଏଫ) ଅଧୀନରେ ବିକଶିତ ହୋଇଥିବା ବେଳେ ଏହା ୧୩ଟି ଭାରତୀୟ ଭାଷାରେ ଉପଲବ୍ଧ ରହିଛି । ନୂଆ ଶିକ୍ଷା ନୀତିର କଳ୍ପନାରେ ପାଠପଢା ଏବଂ ଶିକ୍ଷା ବାତାବରଣକୁ ସମୃଦ୍ଧ କରିବା ଏବଂ ଉଲ୍ଲାସର ସହ ପାଠପଢାକୁ ଶିଶୁ କୈନ୍ଦ୍ରିକ କରିବା ଦିଗରେ ଏହା ଏକ ବୃହତ ପଦକ୍ଷେପ ।ସେ କହିଛନ୍ତି ଯେ ଶିକ୍ଷା ପିଲାଙ୍କୁ ଆଗକୁ ନେବାର ଚାବିକାଠି। ମାତ୍ର ଆମର ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଆମର ପିଢିକୁ ବୋଝ ଦେଇଥାଏ । ବର୍ତ୍ତମାନର ସମୟରେ ପିଲାଙ୍କୁ ଖେଳ ଓ କାହାଣୀ ଏବଂ ଅନ୍ୟାନ୍ୟ ଉପାୟରେ ଶିକ୍ଷା ଦେବା ଉଚିତ୍ । ଏହି ସବୁ କାହାଣୀ ପିଲା ମାନଙ୍କୁ କେବଳ ସଂଖ୍ୟା କିମ୍ବା ଅକ୍ଷର ପଢାଇବା ନୁହେଁ ବରଂ ସେମାନଙ୍କୁ ସାହସ ଏବଂ ନମ୍ରତାର ଶିକ୍ଷା ପ୍ରଦାନ କରିବ । ପିଲା ମାନଙ୍କର କ୍ରିଟିକାଲ ଥିଙ୍କିଂକୁ ବଢାଇବା ପାଇଁ ସରଳ ଉପାୟରେ ପାଠ୍ୟ ପୁସ୍ତକ ପ୍ରସ୍ତୁତ କରିବା ଆମ ପାଇଁ ଏକ ଚ୍ୟାଲେଞ୍ଜ ।ଆମକୁ ଭାରତୀୟ ଭାଷାକୁ ବି ଆମକୁ ମହତ୍ୱ ଦେବାକୁ ପଡିବ । ପିଲାଙ୍କୁ ବୁଝିବା ଭଳି ପାଠ୍ୟ ପୁସ୍ତକ ପ୍ରସ୍ତୁତ ହେବା ଦରକାର । ଏନସିଇଆରଟି ଟେକ୍ନୋଲୋଜିକୁ ଉପଯୋଗ କରି ସବୁ ଭାରତୀୟ ଭାଷାରେ ଯାଦୁଇ ପିଟାରାର ଉପକରଣକୁ ଅନୁବାଦ କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି । ଏହାସହ ସବୁ ରାଜ୍ୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ (ଏସସିଇଆରଟି) ରେ ଉପଲବ୍ଧ କରିବା ପାଇଁ ସେ ଏନସିଇଆରଟିକୁ ମଧ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଶ୍ରୀ ପ୍ରଧାନ ଏହି ପଦକ୍ଷେପ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ନୂତନ ଶିକ୍ଷା ନୀତିର ଚିଠା ପ୍ରସ୍ତାବ ପ୍ରସ୍ତୁତକାରୀ ପଦ୍ମବିଭୂଷଣ ଡ଼ା. କେ କସ୍ତୁରି ରଙ୍ଗନଙ୍କୁ ଧନ୍ୟବାଦ ଦେଇଥିଲେ ।

## ୨୪ରେ ଟେଲିସ୍କୋପରେ ବି କଂଗ୍ରେସ ଦେଖାଯିବ ନାହିଁ: ଅମିତ୍ ଶାହ

ଭୁବନେଶ୍ୱର,୨୦।୨(ପି.ଏନ): କଂଗ୍ରେସ ନେତା ପଓ୍ୱନ ଖେରାଙ୍କ ବୟାନକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ପାଲଟା ଜବାବ ଦେଇଛନ୍ତି। ନାଗାଲାଣ୍ଡରେ ଏକା ରାଲିରେ କଂଗ୍ରେସ ଉପରେ ବର୍ଷି ଶାହ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟକୁ ଲୋକେ ଠିକ୍ ଜବାବ ଦେବେ। ୨୦୨୪ରେ କଂଗ୍ରେସ ଏହାର ଉଚିତ ଜବାବ ପାଇବ। ୨୦୨୪ରେ ଦେଶରେ କେଉଁଠି କଂଗ୍ରେସ ନଜରକୁ ଆସିବ ନାହିଁ। ଏପରିକି ଟେଲିସ୍କୋପ ପକାଇ ଦେଖିଲେ ମଧ ଦଳର ସତ୍ତା ଦେଖିବାକୁ ମିଳିବ ନାହିଁ। ଶୁକ୍ରବାର ଆଦାନୀ ପ୍ରସଙ୍ଗରେ କଂଗ୍ରେସ ନେତା ପଓ୍ୱନ ଖେରା ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ବିବାଦୀୟ ବୟାନ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କୁ ଆକ୍ଷେପ କରି ତାଙ୍କୁ 'ଗୌତମ ଦାଶ' ବୋଲି କହିଥିଲେ। ତେବେ ଶାହ କହିଛନ୍ତି



ଆଦାନୀ ମାମଲାରେ ସରକାର କିମ୍ବା ବିଜେପି ନିକଟରେ ଲୁଚାଇବା ପାଇଁ କିଛି ନାହିଁ । ତେଣୁ ଦଳ ଭୟ ମଧ କରୁନି । ସରକାରଙ୍କ ଆଦାନୀ ମାମଲାରେ କୌଣସି ସମ୍ପୃକ୍ତି ନାହିଁ । ବିରୋଧୀ ହଙ୍ଗାମା କରୁଛନ୍ତି। ଯଦି ପ୍ରମାଣ ଅଛି ତେବେ କୋର୍ଟକୁ ଯାଆନ୍ତୁ । କଂଗ୍ରେସ କହିଛି ଆଦାନୀ ପ୍ରସଙ୍ଗ ଉଠାଇବା ଉଦ୍ଦେଶ୍ୟ କେବଳ ମୋଦି ସରକାରଙ୍କ ମୁଖା ଖୋଲିବା ନୁହେଁ ବଂର ଦେଶର ୩କୋଟି ନିବେଶକଙ୍କ ଅର୍ଥକୁ ସୁରକ୍ଷା ଦେବ ।

## ବିମାନରେ ବୋମା ଆତଙ୍କ, ଲକ୍ଷ୍ନୌରେ ହେଲା ଜରୁରୀ ଅବତରଣ

ଲକ୍ଷ୍ନୌ,୨୦।୨: ବିମାନରେ ବୋମା ଆତଙ୍କ। ଛନିଆ ହୋଇଗଲେ ଯାତ୍ରୀ। ହାଇଦ୍ରାବାଦରୁ ଚେନ୍ନାଇ ଯାଉଥିବା ଇଣ୍ଡିଗୋ ବିମାନରେ ବୋମା ଥିବା ସୂଚନା ମିଳିବା ପରେ ଲକ୍ଷ୍ନୌରେ ଏହାର ଏମରଜେନ୍ସିଂ ଲ୍ୟାଣ୍ଡିଂ କରାଯାଇଛି। ବିମାନରେ ବୋମା ଥିବା ସୂଚନା ମିଳିବା ପରେ ଲକ୍ଷ୍ନୌର ଚୌଧୁରୀ ଚରଣ ସିଂହ ବିମାନ ବନ୍ଦରରେ ଏହାର ଜରୁରୀ




ଅବତରଣ କରାଯାଇଥିଲା। ଏହାପରେ ତୁରନ୍ତ ଯାତ୍ରୀବାହୀ ବିମାନଟିର ଯାଞ୍ଚ କରାଯାଇଥିଲା। କିନ୍ତୁ ବୋମା ନିଷ୍କ୍ରିୟକାରୀ ଦଳଙ୍କୁ କୌଣସି ବୋମା ମିଳିନଥିଲା।

## ଧନୀ ଜମି ଜବର ଦଖଲକାରୀଙ୍କ ସ୍ୱାର୍ଥ ପାଇଁ ଗରିବଙ୍କ ଅସ୍ତ୍ର କରିଛି ସ୍ଥାନୀୟ ବିଜେଡି

ବଲାଙ୍ଗିର, ୨୦।୨(ପି.ଏନ): ଗରିବଙ୍କ ଶତ୍ରୁ ମୁଁ ନୁହେଁ, ଗରିବଙ୍କ ପ୍ରକୃତ ଶତ୍ରୁ ହେଉଛନ୍ତି ରାଜ ପରିବାର କାରଣ କାରଣ ରାଜାକୁ ଲୋକେ ନିର୍ବାଚିତ କରି ନଥାନ୍ତି, ସେମାନେ ଲୋକଙ୍କୁ ଅତ୍ୟାଚାର କରି ବଳ ପୂର୍ବକ ରାଜ ଗଦି ଦଖଲ କରିଥାନ୍ତି । ଆଉ ଯଦି ଗରିବଙ୍କ ଥଇଥାନର କଥା ଉଠେ ତେବେ, ବିସ୍ ?ଥାପିତ ହେବାକୁ ଥିବା ୪୧୭ଜଣ ଲୋକ ମାନବଧିକାର କମିଶନ ଆଗରେ ମକଦ୍ଦମା କରିଥିଲେ । ମାନବାଧିକାର କମିଶନ ଏହାକୁ ନେଇ ଜିଲ୍ଲାପାଳଙ୍କୁ ରିପୋର୍ଟ ମାଗିଥିଲା । ଜିଲ୍ଲାପାଳଙ୍କ ରିପୋର୍ଟ ଅନୁଯାୟୀ ସେମଧ୍ୟରୁ କେବଳ ୧୩୮ ଜଣ ଥଇଥାନ ହେବାକୁ ଯୋଗ୍ୟ ବିବେଚିତ ଗରିବ ହୀତାଧିକାରୀ ଥିଲେ । ମାନବାଧିକାର ଆୟୋଗଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରିପୋର୍ଟରେ ଏହି ୧୩୮ ଜଣ ଗରିବଙ୍କୁ ସ୍ଥାନୀୟ ବିଷ୍ଣୁମୁଣ୍ଡା ଅଂଚଳରେ ଥଇଥାନ କରା ସରିଛି । ଏହାକୁ ମାନବାଧିକାର କମିଶନ ଏବଂ ତାଙ୍କ ଓକିଲ ମଧ ଠିକ ବୋଲି ଦର୍ଶାଇଛନ୍ତି । ତେଣୁ ବାକି ୨୭୯ଜଣ ଗରିବ ନୁହେଁ ଧନୀ ଲୋକ ବୋଲି ଜିଲ୍ଲାପାଳଙ୍କ ରିପୋର୍ଟ ସୁଚାଉଛି । ମାନବାଧିକାର କମିଶନ ନିଜେ ଧନୀ ଜବର ଦଖଲକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ଓ ପୌରାଧିକାରୀ ପଦକ୍ଷେପ ନେବା ଉଚିତ ବୋଲି କହିଛନ୍ତି । ଯେତେବେଳେ ବିଧାନ ସଭାରେ ଜମି ଜବର ଦଖଲକାରୀଙ୍କ ବିରୁଦ୍ଧରେ ୭ ବର୍ଷ ଜେଲ ତଥା ଜରିମାନା ର ବିଲ ଅଣା ଯାଇଥିଲା । ତାକୁ ଜଣେ ମାତ୍ର ବିଧାୟକ ଭାବରେ ମୁଁ କେବଳ ବିରୋଧ କରିଥିଲି । ତତକାଳିନ ମନ୍ତ୍ରୀ ଶ୍ରୀ ରାଉତ ରାଏଙ୍କୁ ଏହି ଦଣ୍ଡ ବିଧାନରୁ ଗରିବ ଭୁମୀହୀନଙ୍କୁ ବାଦ ଦେଇ ସେମାନଙ୍କ ଥଇଥାନର ବ୍ୟବସ୍ଥା ଉକ୍ତ ବିଲ୍ ରେ ଯୋଡିବାକୁ କହିଥିଲି । ମନ୍ତ୍ରୀ ଉକ୍ତ ସଂଶୋଧନ ସ୍ୱିକାର କରିଥିବା ସତ୍ୱେ ପରଦିନ ହଠାତ ମୁଖ୍ୟମନ୍ତ୍ରୀଙ୍କ ଦପ୍ ?ତର ଗରିବଙ୍କ ସ୍ୱାର୍ଥ ରକ୍ଷା ପାଇଁ ମୁଁ ଆଣିଥିବା ସଂଶୋଧନକୁ ନକରିବାକୁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ବିନା ସଂଶୋଧନରେ ଏହି ବିଲ୍ ଟି ରାଜ୍ୟପାଳଙ୍କ ପାଖକୁ ଯାଇଥିଲା । ଗରିବଙ୍କ ସ୍ୱାର୍ଥ ରକ୍ଷା ବିରୁଦ୍ଧରେ ଏହି ଜମି ଜବର ଦଖଲ ବିଲ ବିରୁଦ୍ଧରେ ବିଧାନସଭାରେ ମୋର ଲଢେଇ ଯୋଗୁଁ ସରକାରୀ ଜମୀ ଜବର ଦଖଲକାରୀଙ୍କୁ ୭ବର୍ଷ ଜେଲ ଓ ଜରିମାନା ବିଲ ଟି ରାଜ୍ୟପାଳଙ୍କ ପାଖରେ ଅନୁମୋଦନ ନପାଇ ଏହି ବିଲ୍ ଆଇନରେ ପରିଣତ ହୋଇ ପାରିଲା ନାହିଁ । ଏବେ ଲୋକେ କୁହନ୍ତୁ ଗରିବ ଭୁମୀହୀନଙ୍କ ଶତ୍ରୁ ମୁଁ ନା ଖୋଦ ବିଜେଡି ସରକାର । ଠିକ ସେହିପରି ସୂର୍ଯ୍ୟନଗର ଓ ମେଡିକାଲ କଲେଜ ପାଖରେ ଥିବା ବସ୍ତି ଅଂଚଳରୁ ମଧ ପ୍ରଶାସନ ବିଶ୍ୱ ବିଦ୍ୟାଳୟ ,ମେଡିକାଲ କଲେଜ ଓ ଲୋୟର ଶୁକତେଲ ପାଇଁ ଦରକାର ହେଉଥିବା ସରକାରୀ ଜମୀରୁ ଗରିବଙ୍କୁ ହଟାଇବା ସମୟରେ ମୋର ହସ୍ତକ୍ଷେପ ଫଳରେ ସେମାନଙ୍କୁ ତତକାଳ ଉଚ୍ଛେଦରୁ ଆଶ୍ୱସ୍ତି ମିଳିଥିଲା । ଏପରିକି କରଙ୍ଗାକନ୍ଟାରୁ ଗରିବ ପରିବାରମାନେ ବିସ୍ଥାପନ ହୋଇଥିବା ଲୋକେ ମୋର ଉଦ୍ୟମରେ ଘର ଜମୀ ପାଇପାରିଛନ୍ତି । ଏଥିରୁ ବଲାଙ୍ଗିରବାସୀ ଜାଣନ୍ତୁ ଗରିବର ପ୍ରକୃତ ବନ୍ଧୁ ନରସିଂହ ମିଶ୍ର ନା ସରକାରୀ ଜମିରେ ବସତି ସ୍ଥାପନ କରିଥିବା ଗରିବ ଜନସାଧାରଣଙ୍କ ବିରୁଦ୍ଧରେ କଡା ଆଇନ ଆଣିଥିବା ବିଜେଡ ସରକାର ଓ ତାଙ୍କ ମନ୍ତ୍ରୀଗଣ । ଆଉ ଯଦି କଥା ଉଠେ ସଂସ୍କୃତି ଭବନ ଗଣ୍ଡଗୋଳର ତେବେ ସେହି ମହିଳା କାଉନସିଲର ଜଣକ ନିଜ ହାତର ଚୁଡି ନିଜେ ଟେବୁଲ ଉପରେ ବାଡେଇ ଭାଙ୍ଗିଥିବା ଦୃଶ୍ୟ ସାମଜିକ ଗଣମାଧମ ତଥା ବୈଦ୍ୟୁତିକ ଗଣମାଧ୍ୟମରେ ଦେଖି ଲୋକେ ସ୍ୱଷ୍ଟ ହୋଇ ସାରିଲେଣି । ସ୍ଥାନୀୟ ରାଜ ପରିବାରଙ୍କ ଦରବାରୀ ବିଜେଡି ନେତାମାନେ ୧୦ହଜାର, ୨୦ ହଜାର ବର୍ଗଫୁଟ ଜମି ନିଜେ ଦଖଲ କରି ଆନ୍ଦୋଳନ ପାଇଁ ଗରିବଙ୍କୁ ଅସ୍ତ୍ର କରୁଛନ୍ତି । ଏପରିକି ସେହି ଅଂଚଳରେ ଅନେକ ବିତଶାଳି ସରକାରୀ ଜମି ଜବର ଦଖଲକାଗରିବଙ୍କ ଦରବାରୀ ନିରିହ ଗରିବଙ୍କ ନାଁରେ ଘୃଣ୍ୟ ରାଜନୀତି କରୁଛନ୍ତି । ଏଥିରୁ ବଲାଙ୍ଗିରବାସୀ ଜାଣି ରଖନ୍ତୁ ଯେ, ଗରିବଙ୍କ ଶତ୍ରୁ ମୁଁ ନୁହେଁ, ଗରିବଙ୍କ ଅସଲ ଶତ୍ରୁ ବିଜେଡି ରାଜ ପରିବାର, ସରକାର ଏବଂ ବିଜେଡିର ସ୍ଥାନୀୟ ଜମି ଜବର ଦଖଲକାରୀ ନେତା ଗଣ ବୋଲି ଆଜି ଏକ ପ୍ରେସ ବିବୃତି ମଧ୍ୟମରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଜଣାଇଛନ୍ତି ।

## ଇଏ କାଗଜ କଲମ ଡିଜିପି, ପ୍ରକୃତ ଡିଜିପି ତୃତୀୟ ମହଲାରେ ଅଛନ୍ତି: ମୋହନ ମାଝୀ

ଭୁବନେଶ୍ୱର,୨୦।୨(ପି.ଏନ): ଆସନ୍ତାକାଲିଠୁ ଆରମ୍ଭ ହେଉଛି ବିଧାନସଭାର ବଜେଟ ଅଧିବେଶନ। ସେଥିପାଇଁ ଆଜି ବିଧାନସଭାର ସୁରକ୍ଷା ବ୍ୟବସ୍ଥା ତଦାରଖ କରିବାକୁ ଆସିଥିଲେ ଡିଜିପି ସୁନୀଲ ବଂଶଲ। ସେ ସୁରକ୍ଷା ବ୍ୟବସ୍ଥା ତଦାରଖ କରିବା ସହିତ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସେ ସଂପର୍କରେ ସୂଚନା ମଧ୍ୟ ଦେଇଥିଲେ। ହେଲେ ଯେତେବେଳେ ଗଣମାଧ୍ୟମ ପ୍ରତିନିଧିମାନେ ନବ ଦାସ ହତ୍ୟା ଘଟଣାର ମୋଟିଭ୍ ବିଷୟରେ ପଚାରିଲେ, ଡିଜିପି ବାଟ ଭାଙ୍ଗି ଚାଲି ଯାଇଥିଲେ ।ଏହି ହାଇପ୍ରୋଫାଇଲ୍ ହତ୍ୟା ଘଟଣାରେ ଡିଜିପି ସୁନୀଲ ବଂଶଲ ମାତ୍ର ଥରୁଟିଏ ମୁହଁ ଖୋଲିଥିଲେ। ଫେବ୍ରୁଆରୀ ୩




ତାରିଖରେ ସେ କହିଥିଲେ ଯେ ନବ ଦାସଙ୍କୁ ଗୋପାଳ ଦାସ କାହିଁକି ମାରିଲା, ତାହା କେବଳ ମହାପ୍ରଭୁ ଜଗନ୍ନାଥଙ୍କୁ ଜଣା। ତାଙ୍କର ଏଭଳି ମନ୍ତବ୍ୟକୁ ବିଭିନ୍ନ ମହଲରୁ ତୀବ୍ର ନିନ୍ଦା କରାଯାଇଥିଲା। ତା'ପରଠୁ ୧୭ ଦିନ ବିତି ଯାଇଛି। କ୍ରାଇମବ୍ରାଞ୍ଚ କେତେ ବାଟ ଯାଇଛି ? ହତ୍ୟା ପଛରେ କ'ଣ ଉଦ୍ଦେଶ୍ୟ ରହିଥିଲା ?- ଏସବୁ ପଚାରିଲା ବେଳକୁ ଡିଜିପି ଚୁପ୍ ରହୁଛନ୍ତି ।ଡିଜିପିଙ୍କ ଏଭଳି ନିରବତା ଓ କ୍ରାଇମବ୍ରାଞ୍ଚ ତଦନ୍ତ ପ୍ରକ୍ରିୟାକୁ ନେଇ ସରକାରଙ୍କୁ ପୁଣି ଘେରିଛନ୍ତି ବିରୋଧୀ। ଡିଜିପି ସୁନୀଲ କୁମାର ବଂଶଲଙ୍କୁ ସମାଲୋଚନା କରି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ କହିଛନ୍ତି, ଇଏ ହେଉଛନ୍ତି କାଗଜ କଲମ ଡିଜିପି। ଇଏ କ'ଣ କହିବେ ? ପ୍ରକୃତ ଡିଜିପି ତୃତୀୟ ମହଲାରେ ଅଛନ୍ତି। ତାଙ୍କ ନାଁ କହିବନି।







# ଟି ଟାଇମ୍

# ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

# ଅଜବ ବନ୍ଧୁତା

ଅନେକ ଲୋକ ଅଛନ୍ତି ଯେଉଁମାନେ ସେମାନଙ୍କ ପୋଷା ଜୀବ ବିନା ମୁହୂର୍ତ୍ତେ ବଞ୍ଚିବାକୁ ଇଚ୍ଛା କରନ୍ତି ନାହିଁ । ଇଣ୍ଡୋନେସିଆର ସୁରାବାୟା ସହରରେ ରହୁଥିବା ହାଣ୍ଡାକୋ ନଜୋଟୁକାସାମା ତାଙ୍କର ପୋଷା କୁକୁର ଗୁଡିକୁ ତାଙ୍କୁ ପୁଅ ଝିଅ ପରି ଭଲ ପାଆନ୍ତି । ସେ ଯୁଆଡେ ଯାଆନ୍ତି କୁକୁର ଦୁଇଟିକୁ ସଙ୍ଗରେ ନେଇ ଯାଆନ୍ତି । ସେ ଏହି କୁକୁରଗୁଡିକର ସୁରକ୍ଷା ଓ ଷ୍ଟାଇଲର ପୁରାପୁରି ଯତ୍ନ ନିଅନ୍ତି । ସେ ସ୍କୁଟିରେ କୁକୁର ଦୁଇଟିକୁ ନେବା ସମୟରେ ମୁଣ୍ଡରେ ସେମାନଙ୍କୁ ହେଲମେଟ ଓ ଆଖିରେ ଚଷମା ପିନ୍ଧନ୍ତି ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଇଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଇ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଇ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୂରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ତ୍ୱଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁତ୍ଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡା ଦେଶ ହେବାର ନିୟମ ରହିଥାଏ ।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା



ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ଦ୍ଫ୍ରି ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଫେବୃଆରୀ ୨୧

# ମାତୃଭୂମି, ମାତୃଭାଷା ଉଭୟେ ଜନନୀ, ସେବ ତାଙ୍କୁ ଭକ୍ତିଭରେ ଦିବସ ରଜନୀ....



ଡ଼ଃ ଅରୁନ୍ଧତୀ ଦେବୀ

ମା' ଓ ମାଟିର ଭାଷା ହିଁ ମାତୃଭାଷା। ଏହା ସଂସ୍କୃତିର ବାହକ ଓ ସଂହତିର ଉତ୍ସ। ଏହା ଅଗଣିତ ମଣିଷକୁ ଯୋଡ଼ିଦିଏ ଏକ ସୂତ୍ରରେ। ଉନ୍ମାଦାତ୍ରୀ ମାଆ ଓ ମାତୃଭୂମି ସହିତ ତା'ର ଆତ୍ମିକ ସମ୍ପର୍କକୁ ଅନୁଭବ କରି ଭକ୍ତକବି ମଧୁସୂଦନ ରାଓ ଗାଇଛନ୍ତି – ମାତୃଭୂମି, ମାତୃଭାଷା ଉଭୟେ ଜନନୀ, ସେବ ତାଙ୍କୁ ଭକ୍ତିଭରେ ଦିବସ ରଜନୀ। ମାତୃଭାଷାର ସମ୍ମାନ ହିଁ ଜାତିର ସମ୍ମାନ। ସେଥିପାଇଁ ଆପଣା ଭାଷାକୁ ନେଇ ଗର୍ବ ଅନୁଭବ କରେ ବିଶ୍ୱର ପ୍ରାୟ ପ୍ରତ୍ୟେକ ଜାତି। ମାତ୍ର ଜାତୀୟ ସ୍ୱାଭିମାନୀ ଯେଉଁଠି ଖର୍ବୀକୃତ, ସେଠାରେ ଦୁର୍ବଳ ହୁଏ ଭାଷାର ବ୍ୟବହାରିକ ଦିଗ। ସେହି ସ୍ୱାଭିମାନର ସଂକଟ ଯୋଗୁ ଓଡ଼ିଆ ଭାଷା ଆଜି ନାନା ବିରୋଧାଭାସ ଓ ବେଦନାବୋଧର ସମ୍ମୁଖୀନ। ପାଣିପବନରେ ବଢ଼ନ୍ତି କିନ୍ତୁ ଘରେ, ବାହାରେ ଓ ସାଧାରଣରେ ଯଥେଷ୍ଟ ଇଂଲିଶ ଭାଷା ବ୍ୟବହାର କରି ପ୍ରଦର୍ଶନ କରନ୍ତି ଆପଣା ପାଣ୍ଡିତ୍ୟ। କାର୍ଯ୍ୟାଳୟରେ ନଥିପତ୍ର ଇଂଲିଶରେ ଲେଖି ଉଲ୍ଲଂଘନ କରନ୍ତି ଭାଷା ଆଇନ। ଏମାନଙ୍କ ଦୃଷ୍ଟିରେ ଓଡ଼ିଆ ଭାଷା ଜ୍ଞାନବିଜ୍ଞାନର ଭାଷା ନୁହେଁ କି ବିକାଶର ମାଧ୍ୟମ ନୁହେଁ। ଏହା କେବଳ ହଳିଆ, ମୂଲିଆ ଓ ଅପାଠୁଆଙ୍କ କଥିତ ଭାଷା। ଏହି ଭ୍ରାନ୍ତ ଭାବନା ନେଇ ଏମାନେ ଓଡ଼ିଆରେ ଲେଖାପଢ଼ା ନକରିପାରିବାକୁ ଗୌରବ ବୋଲି ଭାବନ୍ତି ଏବଂ ନିଜ ପିଲାମାନଙ୍କୁ ପଢ଼ାନ୍ତି ଇଂଲିଶ ମାଧ୍ୟମ ବିଦ୍ୟାଳୟରେ। ମାତୃଭାଷା ଗୋଟିଏ ଜାତିର ଜୀବନଚର୍ଯ୍ୟାର ବାହକ। ମାତ୍ର ଓଡ଼ିଆ ଭାଷାର ସେ ବ୍ୟବହାରିକ ଉପଯୋଗିତା ଓ ସାର୍ବଭୌମ ମର୍ଯ୍ୟାଦାକୁ ଉଜୁଡ଼ିଯିବା ଅବସ୍ଥାକୁ ଟାଣିନେଲାଣି ଆମ ଇଂଲିଶ ମନସ୍ତତା। ସ୍କୁଲ, କଲେଜ, କଚେରୀ, ରାସ୍ତାଘାଟ ଓ ବ୍ୟବସାୟ ପ୍ରତିଷ୍ଠାନର ବିଜ୍ଞାପନ ଫଳକ ତଥା ନିମନ୍ତ୍ରଣ ପତ୍ର ଆଦି ସବୁଠି ଇଂଲିଶ ଭାଷାର ପ୍ରାଧାନ୍ୟ। ସଂସ୍କୃତିର ରକ୍ଷକ କୁହାଯାଉଥିବା ଗଣମାଧ୍ୟମ ଆଉ ବହନ କରୁନି ଭାଷା ସୁରକ୍ଷାର ଗୁରୁଦାୟିତ୍ୱ। ଲେଖାକୁ ଓଜନଦାର କରିବା ପ୍ରୟାସରେ ଗଣମାଧ୍ୟମ ବହୁଳ ମାତ୍ରାରେ ବ୍ୟବହାର କରୁଛି ଇଂଲିଶ ଶବ୍ଦ। ଶିକ୍ଷା କ୍ଷେତ୍ରରୁ ବି ତାର ଅପସାରଣ ପାଇଁ ଚାଲିଛି ରୀତିମତ ଷଡ଼ଯନ୍ତ୍ର। ଯେଉଁ ରାଜ୍ୟରେ ଅର୍ଦ୍ଧେକ ଛାତ୍ରଛାତ୍ରୀ ଇଂଲିଶ ମାଧ୍ୟମରେ ପଢ଼ନ୍ତି ଏବଂ ବାକି ଅର୍ଦ୍ଧେକ ପଢୁଥିବା ସ୍କୁଲଗୁଡ଼ିକରେ ଓଡ଼ିଆ ଶିକ୍ଷକ ନଥାନ୍ତି, ସେ ରାଜ୍ୟରେ ଓଡ଼ିଆ ଭାଷାର ଭବିଷ୍ୟତ ଅନ୍ଧାରରେ ଜର୍ଜରିତ ହେବା ସ୍ୱାଭାବିକ। ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା। ଭକ୍ତ କବି ମଧୁସୂଦନଙ୍କ ପଂକ୍ତି ବୋଧହୁଏ ମିଳିତ ଜାତିସଂଘ ପ୍ରତିନିଧିମାନେ ଶୁଣିଥାଇ ନପାରନ୍ତି, କିନ୍ତୁ ଏହାର ସାରମର୍ମକୁ ସେମାନେ ଠିକ୍ ଭାବେ ବୁଝିସାରିଛନ୍ତି। ଅର୍ଥାତ୍ ମଣିଷ ଜାତି ଏବଂ କୌଣସି ଏକ ସମ୍ପ୍ରଦାୟର ଉନ୍ନତି ଲାଗି ଏହାର ଭାଷା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହା ଅନୁଭବ କରି ମାତୃଭାଷା ଲାଗି ଦିନଟିଏ ଉତ୍ସର୍ଗ କରିଛି ବିଶ୍ୱ ସମୁଦାୟ। ବିଶ୍ୱର କୋଣଅନୁକୋଣରେ ପ୍ରଚଳିତ ଲକ୍ଷ ଲକ୍ଷ ଭାଷାର ସୁରକ୍ଷା ତଥା ପ୍ରଚାର ଏବଂ ପ୍ରସାର ଲାଗି ମିଳିତ ଜାତିସଂଘ ପକ୍ଷରୁ ପ୍ରତିବର୍ଷ ଫେବୃଆରୀ ୨୧ରେ ପାଳିତ ହେଉଛି ଅନ୍ତର୍ଜାତୀୟ ମାତୃଭାଷା ଦିବସ। ମାତୃଭାଷା ଓ ସାଂସ୍କୃତିକ ବିବିଧତା ତଥା ବହୁ ଭାଷାବାଦକୁ ପ୍ରୋତ୍ସାହିତ କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ। ଏହି ଦିବସର ପାଳନ ଲାଗି ୧୭ ନଭେମ୍ବର ୧୯୯୯ରେ ମିଳିତ ଜାତିସଂଘର ଶିକ୍ଷା, ବିଜ୍ଞାନ ଏବଂ ସଂସ୍କୃତି ସଙ୍ଗଠନ ପକ୍ଷରୁ ପ୍ରଥମେ ଘୋଷଣା କରାଯାଇଥିଲା। ୨୦୦୦ ମସିହାରୁ ବିଧିବଦ୍ଧ ଭାବେ ଏହାର ପାଳନ ହୋଇଆସୁଛି। ଏପରିକି ୨୦୦୮ରେ ଜାତିସଂଘର ସାଧାରଣ ବୈଠକରେ ଏକ ପ୍ରସ୍ତାବ ଗୃହୀତ ହୋଇ ସେହି ବର୍ଷକୁ ଅନ୍ତର୍ଜାତୀୟ ମାତୃଭାଷା ବର୍ଷ ଭାବେ ପାଳନ କରାଯାଇଥିଲା। ଏହି ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରିବା ପଛରେ ମଧ୍ୟ ରହିଛି ଏକ ପ୍ରମୁଖ କାରଣ। ୧୯୫୨ ଫେବୃଆରୀ ୨୧ରେ ବାଙ୍ଗଲାଦେଶର ରକ୍ତାକ୍ତ ଭାଷା ଆନ୍ଦୋଳନର ସ୍ମରଣ ଉଦ୍ଦେଶ୍ୟରେ ଏହି ଦିନକୁ ଚୟନ କରାଯାଇଥିଲା। ବଙ୍ଗଳା ଭାଷାକୁ ପୂର୍ବ ପାକିସ୍ତାନର ଅନ୍ୟତମ ଜାତୀୟ ଭାଷା ମଧ୍ୟରେ ସ୍ଥାନିତ କରିବା ଲାଗି ୧୯୫୨ ଢ଼ାକାରେ ବଡ଼ଧରଣର ଛାତ୍ର ଆନ୍ଦୋଳନ ଦେଖାଦେଇଥିଲା। ଢ଼ାକା ବିଶ୍ୱବିଦ୍ୟାଳୟ ଜଗନ୍ନାଥ କଲେଜ ଏବଂ ଢ଼ାକା ମେଡ଼ିକାଲ କଲେଜର ହଜାର ହଜାର ସଂଖ୍ୟାରେ ଛାତ୍ରୀଛାତ୍ର ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ପାକିସ୍ତାନ ସରକାର ଏହି ଆନ୍ଦୋଳନକୁ ପୋଲିସ ଲଗାଇ ଦମନ କରିଥିଲେ। ପୋଲିସ ଗୁଳିରେ ବହୁ ସଂଖ୍ୟକ ଆନ୍ଦୋଳନକାରୀ ଛାତ୍ର ପ୍ରାଣ ହରାଇଥିଲେ। ସେମାନଙ୍କ ବଳିଦାନକୁ ସ୍ମରଣ କରିବା ଉଦ୍ଦେଶ୍ୟରେ କାନାଡ଼ାରେ ରହୁଥିବା ରଫିକୁଲ୍ ଇସ୍‌ଲାମ ନାମକ ଜଣେ ବ୍ୟକ୍ତି ୧୯୯୮ରେ ଜାତିସଂଘର ତତ୍କାଳୀନ ମହାସଚିବ କୁଫି ଆନ୍ନନ୍‌ଙ୍କ ନିକଟରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ବିଶ୍ୱର କୋଣ ଅନୁକୋଣରେ ପ୍ରଚଳିତ ଅନେକ ଭାଷାକୁ ବିଲୁପ୍ତ ମୁହଁରୁ ରକ୍ଷା କରିବା ଲାଗି ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରିବାକୁ ରଫିକୁଲ୍ ନିବେଦନ କରିଥିଲେ। ତାଙ୍କ ଆବେଦନକୁ ଗ୍ରହଣ କରି ଆନ୍ନନ୍ ଏ ଦିଗରେ ପଦକ୍ଷେପ ଆରମ୍ଭ କରିଥିଲେ। ପରିଣାମ ସ୍ୱରୂପ ୧୯୯୯ ନଭେମ୍ବରରେ ୟୁନେସ୍କୋର ସାଧାରଣ ସମ୍ମିଳନୀରେ ଏହାକୁ ଗ୍ରହଣ କରାଯାଇଥିଲା। ଏହାପରେ ୨୦୦୮କୁ ଅନ୍ତର୍ଜାତୀୟ ଭାଷା ବର୍ଷ ଭାବେ ପାଳନ କରାଯିବା ସହ ଜାତିସଂଘର ସମସ୍ତ ରାଷ୍ଟ୍ର ମାତୃଭାଷାର ପ୍ରଚାର ପ୍ରସାର ଲାଗି ନିଜ ନିଜ ସ୍ତରରେ ଅଭିଯାନ ଚଳାଇବେ ବୋଲି ୨୦୦୯ ମେ ୧୬ ବୈଠକରେ ଜାତିସଂଘ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଏହା ପରଠାରୁ ଫ୍ରାନସ୍ ପ୍ୟାରିସ୍‌ରେ ଥିବା ୟୁନେସ୍କୋ ମୁଖ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱର ପ୍ରତିଟି ଦେଶରେ ଏହି ଦିବସ ପାଳନ କରାଯାଇଛି। ବିଶ୍ୱବାସୀଙ୍କ ପାଇଁ ଶିକ୍ଷା ଏବଂ ଶିକ୍ଷା ଜରିଆରେ ସମସ୍ତଙ୍କ ଭବିଷ୍ୟତ ସୁରକ୍ଷିତ କରିବା ମଧ୍ୟ ଏ ବର୍ଷ ମାତୃଭାଷା ଦିବସର ଏକ ପ୍ରମୁଖ ଉଦ୍ଦେଶ୍ୟ ରହିଛି।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦*

# ମାତୃମନ୍ତ୍ର-ମାତୃଭାଷା



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଜାତିସଂଘର ଅନୁମୋଦନ କ୍ରମେ ୨୦୦୦ ମସିହାରୁ ସମଗ୍ର ବିଶ୍ୱରେ ଫେବୃଆରୀ ୨୧ ତାରିଖକୁ 'ଅନ୍ତର୍ଜାତୀୟ ମାତୃଭାଷା ଦିବସ' ଭାବେ ପାଳନ କରାଯାଉଛି । ଐତିହ୍ୟ – ସଂସ୍କୃତି – ପରମ୍ପରା ରକ୍ଷା ପାଇଁ ମାତୃଭାଷା ଏକ ବଳିଷ୍ଠ ମାଧ୍ୟମ । ମାତୃଭାଷାକୁ ଉପେକ୍ଷା କରି କୌଣସି ଜାତି ବଡ଼ହୋଇନାହିଁ କି ହୋଇପାରିବ ନାହିଁ । ଏ ବାବଦରେ ସଭିଙ୍କୁ ସଚେତନ କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ଫେବୃଆରୀ ୨୧ ତାରିଖକୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଭାବେ ପାଳନ କରିବା ପାଇଁ ୟୁନେସ୍କୋ ପକ୍ଷରୁ ପ୍ରଥମେ ୧୯୯୯ରେ ପ୍ରସ୍ତାବ ଦିଆଯାଇଥିଲା, ଯାହାକୁ ଅବିଳମ୍ବେ ଜାତିସଂଘ ସ୍ୱୀକୃତି ପ୍ରଦାନ କରିଥିଲା । ତେବେ ଫେବୃଆରୀ ୨୧ କାହିଁକି ? ଏହା ଏକ ଐତିହାସିକ ଦିବସ । ୧୯୫୨ ମସିହାରେ ଏହି ଦିନରେ ମାତୃଭାଷାର ସୁରକ୍ଷା ପାଇଁ ପୁଲିସ ଗୁଳିର ଶିକାର ହୋଇଥିଲେ ବାଙ୍ଗଲାଦେଶର ଏକାଧିକ ମାତୃଭାଷାପ୍ରେମୀ ବାଙ୍ଗଲାଭାଷୀ ଛାତ୍ର ଓ ବୁଦ୍ଧିଜୀବୀ । ବାଙ୍ଗଲାଦେଶର ଜନ୍ମ ପୂର୍ବରୁ ତାହାକୁ ପୂର୍ବ ପାକିସ୍ତାନ କୁହାଯାଉଥିଲା ଏବଂ ଅଧିକାଂଶ ନାଗରିକ ଥିଲେ ବାଙ୍ଗଲାଭାଷୀ । ପାକିସ୍ତାନ ସରକାର ପୂର୍ବ ପାକିସ୍ତାନୀଙ୍କ ଉପରେ ବଳପୂର୍ବକ ଉର୍ଦ୍ଦୁ ଭାଷା ଲଦିଦେବାରୁ, ଆନ୍ଦୋଳନ ଆରମ୍ଭ ହୋଇଥିଲା । ଆନ୍ଦୋଳନ ଦମନ କରିବା ପାଇଁ ପୁଲିସ୍ ଢ଼ାକା ଉଚ୍ଚ ନ୍ୟାୟାଳୟ ନିକଟରେ ଗୁଳି ଚଳାଇବାରୁ ଟଳିପଡ଼ିଥିଲେ ଏକାଧିକ ଭାଷାପ୍ରେମୀ । ମାତୃଭାଷାର ସୁରକ୍ଷା ପାଇଁ ଏ ଭଳି ପ୍ରାଣବଳି ଅନନ୍ୟ । ତେଣୁ ଏହି ଦିନରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା ।

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ମଣିଷର କାମ ପ୍ରବୃତ୍ତିକୁ ଦମନ କରିବା ପାଇଁ ମାତୃଭାବ ଗୋଟିଏ ମହୌଷଧି ଭଳି କାର୍ଯ୍ୟ କରିଥାଏ । ମା'ଡାକ ହେଉଛି ମଣିଷର ଆଦି ଭାଷା ବାକ୍‌ସ୍ଫୁରଣର ପ୍ରଥମ ଶବ୍ଦ । ମା' ଡାକରେ ମଣିଷ ମନରେ ପ୍ରଜ୍ୱଳିତ କାମାଗ୍ନି ଅଚିରେ ପ୍ରଶମିତ ହୁଏ – ଯିଏ ସମ୍ବୋଧନ କରେ ଏବଂ ଯିଏ ସମ୍ବୋଧିତା ହୁଏ, ଉଭୟତଃ । ଏହା ଏକ ମନସ୍ତାତ୍ତ୍ୱିକ ସତ୍ୟ ଯେ ମନରେ ମାତୃଭାବ ଜାଗରିତ ହେଲେ ମଣିଷର କାମପ୍ରବୃତ୍ତି ଅମଦମିତ ହୁଏ । ପ୍ରାଚୀନ ଭାରତର ଇତିହାସ କହେ ଜଗଜ୍ଜନନୀ ଦୁର୍ଗାଙ୍କର ବିଶ୍ୱବିମୋହନ ମାତୃମୂର୍ତ୍ତି ଦର୍ଶନ କରି ମହିଷାସୁରର ଉତ୍କଟ କାମ ପ୍ରବୃତ୍ତି ଅବଦମିତ ହୋଇଥିଲା । ସେହିପରି ଦୁରାଚାରୀ ରାବଣ ସତୀ ସୀତାଙ୍କୁ ଅପହରଣ କରିବା ପରେ ତାଙ୍କର ମାତୃତ୍ୱମୟୀ ବ୍ୟକ୍ତିତ୍ୱର ପ୍ରଭାବରେ ଅଭିଭୂତ ହୋଇ ତାଙ୍କୁ ମା' ବ୍ୟତୀତ ଆଉ କିଛି ବି ଭାବିପାରି ନଥିଲା । ଆମର ପ୍ରାଚୀନ ସଂସ୍କୃତିର ସେହି ଗୌରବମୟ ଐତିହ୍ୟଗୁଡ଼ିକ ଆଜି ନାନା କାଳ୍ପନିକ ଉପାଖ୍ୟାନ ମଧ୍ୟରେ ତାତ୍ପର୍ଯ୍ୟ ହରାଇ ବସିଛି । ଶ୍ରୀ ଶ୍ରୀ ଠାକୁର ଏ ଯୁଗର ଝିଅମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି – ମା' ମୋର, ଝିଅ ମୋର, ତୁମର ସେବା, ତମର ଚାଲିବା, ତୁମର ଚିନ୍ତା, ତୁମର କହିବା – ପୁରୁଷ ଜନସାଧାରଣଙ୍କ ମଧ୍ୟରେ ଯେପରି ଏପରି ଗୋଟିଏ ଭାବର ସୃଷ୍ଟି କରେ – ଯେଉଁଥିରେ ସେମାନେ ଅବନତ ମସ୍ତକରେ, ନତଜାନୁ ହୋଇ ସସମ୍ଭ୍ରମେ, ଭକ୍ତି ଗଦଗଦ କଣ୍ଠରେ ମା' ମୋର, ଜନନୀ ମୋର କହି ମୁଗ୍ଧ ହୁଅନ୍ତି, ବୁଦ୍ଧ ହୁଅନ୍ତି, ତୃପ୍ତ ହୁଅନ୍ତି, କୃତାର୍ଥ ହୁଅନ୍ତି – ତେବେ ହିଁ ତୁମେ ଝିଅ – ତେବେ ହିଁ ତୁମେ ସତୀ । ଦୁଃଖର କଥା – ଆଜି ସେହି ପାବନମନ୍ତ୍ର, ସେହି ଅମୃତବୋଳା ମା'ଡାକ ଆମର ବାସ୍ତବ ଜୀବନରୁ ହଜିଯିବାକୁ ବସିଛି । ଆମର ଉତ୍କଟ ସାହେବୀ ରୋଗ ଏବଂ ପବ୍ଲିକ ସ୍କୁଲ ଗୁଡ଼ିକ ଦୌଲତରୁ ଆମର ପିଲାମାନେ ମା' ଡାକ ଭୁଲି ଯାଉଛନ୍ତି । ତାହା ବଦଳରେ ମମ୍ମି, ମମ୍, ମାମା ଇତ୍ୟାଦି ନାନା ପ୍ରକାର ଡାକ ତାଙ୍କ ମୁହଁରୁ ଶୁଣି ମା'ବାପାମାନେ ପ୍ରଭୁତ ଆତ୍ମସନ୍ତୋଷ ଲାଭ କରୁଛନ୍ତି । ଆମେ ଭୁଲିଯାଉଛୁ ଯେ ପ୍ରାଚୀନ ଭାରତୀୟ ସଂସ୍କୃତିକୁ ଅନୁସରଣ କରି ହିଁ ପାଶ୍ଚାତ୍ୟ ଭାଷାଜ୍ଞାନ ସମୃଦ୍ଧ ହୋଇଛି । ସଂସ୍କୃତ – 'ମାତୃରଃ ଶବ୍ଦରୁ ଇଂଲିଶ ଶବ୍ଦ 'ମଦର' ସୃଷ୍ଟି ହୋଇଛି । ଆମ ମାତୃଭାଷାର ଦୟନୀୟ ପରିଣତି ମଧ୍ୟ ଲକ୍ଷ କରିବା କଥା । ଥରେ ୟୁକେଜିରେ ପଢୁଥିବା ମୋର ଜଣେ ନାତି କୌତୂହଳବଶତଃ ଗୋଟିଏ ଜିନିଷର ଦାମ ପଚାରିବାରୁ ମୁଁ କହିଲି ସାତଟଙ୍କା । ସେ ବୁଝି ନପାରି ନିଜର ମା'ଙ୍କୁ ପଚାରିଲା – ସାତଟଙ୍କା କେତେ ? ମା' ବୁଝାଇଦେଲେ – ସେଭେନ ରୁପିଜ । ସେତେବେଳେ ଯାଇ ବୁଝିଲା । ପବ୍ଲିକ ସ୍କୁଲରେ ପଢୁଥିବା ମୋର ଆଉ ଜଣେ ନାତିକୁ ଥରେ କହିଲି – ଆମେ ଶନିବାର ବୁଲିଯିବା । ସେ ବୁଝି ନପାରି ତା'ର ବାପାଙ୍କୁ ପଚାରିଲା – ଶନିବାର କ'ଣ ? ବାପା ବୁଝାଇଦେଲେ ସଟରଡେ । ତା ପରେ ବୁଝିଲା । ଚିରଦିନ ଦେଖିଛି ଛୋଟ ପିଲାଟିଏ ସ୍କୁଲକୁ ଗଲେ ପ୍ରଥମେ ମାଷ୍ଟ୍ରେ ତାଙ୍କୁ ଅ-ଆ ଶିଖାଉଥିଲେ । ମାତ୍ର ପବ୍ଲିକ ସ୍କୁଲଗୁଡ଼ିକରେ ଏଲକେଜି ଏବଂ ୟୁକେଜି ଶ୍ରେଣୀରେ ପ୍ରଥମେ ଇଂଲିଶ ଏବଂ ହିନ୍ଦୀ ପଢ଼ା ଆରମ୍ଭ ହେଉଛି । ତୃତୀୟ ବର୍ଷ, ଅର୍ଥାତ୍ ଷ୍ଟାଣ୍ଡାର୍ଡ୍ ୱାନ କ୍ଲାସରେ ଓଡ଼ିଆ ପଢ଼ାର ହାତଖଡ଼ି ହେଉଛି । ସେମାନେ ପ୍ରାର୍ଥନା କରନ୍ତି ଇଂଲିଶରେ, ନଚେତ୍ ହିନ୍ଦୀରେ । ଏସବୁ ଦେଖି ମନେହେଉଛି ହୁଏତ ଅଦୂର ଭବିଷ୍ୟତରେ ଆମର ପାଠୁଆ ପିଲାଙ୍କୁ ଓଡ଼ିଆ ବୁଝିବା ପାଇଁ ଦୋଭାଷୀର ସାହାଯ୍ୟ ନେବାକୁ ପଡ଼ିବ । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ଆଗ ପିଲା ନିଜର ମାତୃଭାଷା ଶିଖି ତା'ପରେ ଯେତେ ଭାଷା ଶିଖିପାରେ ସେତେ ଭଲ । କିନ୍ତୁ ସେ କଥା ଶୁଣୁଛି କିଏ ? ପବ୍ଲିକ୍ ସ୍କୁଲଗୁଡ଼ିକ ଓଡ଼ିଶାର ଭୌଗୋଳିକ ସୀମା ମଧ୍ୟରେ ଥାଇ ମଧ୍ୟ ଓଡ଼ିଆ ଭାଷା ଶିକ୍ଷାକୁ ଉପଯୁକ୍ତ ଗୁରୁତ୍ୱ ଦେଉନାହାନ୍ତି । ମୋଟ କଥା, ପବ୍ଲିକ ସ୍କୁଲ ଗୁଡ଼ିକର ଯଥେଷ୍ଟ ସିଲାବସ୍ ଉପରେ ଅଙ୍କୁଶ ଲଗାଇ ନପାରିଲେ କିଛି ବର୍ଷ ମଧ୍ୟରେ ହିଁ ଅଧିକାଂଶ ଭାରତୀୟ ଭାଷା ବିଲୁପ୍ତି ଘଟିବ । ଆମର ସଂସ୍କୃତି ଏବଂ ଆଭିଜାତ୍ୟର ଏହି ଦୟନୀୟ ଅବସ୍ଥା ଲକ୍ଷ୍ୟ କରି ଶ୍ରୀ ଶ୍ରୀ ଠାକୁର ଦିନେ କ୍ଷୋଭର ସହିତ କହିଥିଲେ – 'ବୁଝି ଦେଖ – ତୁମର ଏହି ଆଭିଜାତ୍ୟ ଓ ସଂସ୍କାର କେତେଟା ଶ୍ରେୟ ଓ ପ୍ରେୟ, ଯାହା ଲାଭ କରିବାକୁ ହୁଏ କେତେ କେତେ ଜୀବନ ପ୍ରବାହର ଭିତର ଦେଇ, ସେହି ଆଦର୍ଶ, ଧର୍ମ ଓ କୃଷ୍ଟିର ଅନ୍ୱିତ ଚଳନରେ, ଅସ୍ତି-ବୃଦ୍ଧିର ତାପସ, ପରିଚର୍ଯ୍ୟା ନେଇ, ଆଉ ତୁମର ବ୍ୟକ୍ତିତ୍ୱ ପ୍ରବୃତ୍ତିର ପରାମର୍ଶଣୀ ଦୌରାତ୍ମ୍ୟରେ ଯେତେବେଳେ ହିଁ ସେହି ଆଭିଜାତ୍ୟ ମୁଣ୍ଡରେ କୁଠାରାଘାତ କରି ପରପଦଲେହୀ ଅନ୍ୟର ଭାଷା, ଅନ୍ୟର ବେଶ, ଖାଦ୍ୟ, ଚାଲିଚଳନ, ଉପଭୋଗ ଇତ୍ୟାଦିରେ ଆତ୍ମବିକ୍ରୟ କରେ, ତାହା ଯେ କେତେ ମର୍ଯ୍ୟାଦାହାନିକର, କେତେ ଅପମାନକର, ଆଉ କେତେ ଦୈନ୍ୟର – ତାହା କହିବା ବାହୁଲ୍ୟ । (ଆର୍ଯ୍ୟକୃଷ୍ଟି – ୧୯୪) । ସ୍ମରଣ ରଖିବାକୁ ହେବ – ଅନ୍ୟ ଠାରୁ ପୋଷଣ ଗ୍ରହଣ କରି ନିଜର ଭାଷା ଏବଂ ସଂସ୍କୃତିକୁ ଉନ୍ନତ କରାଯାଇପାରେ, ମାତ୍ର ନିଜତ୍ୱ ହରାଇ ଅନ୍ୟକୁ ଅନୁକରଣ କରି କେହି କେବେ ଶ୍ରେୟର ଅଧିକାରୀ ହୋଇପାରିବେ ନାହିଁ ।

*ଲିଭର ବିଶେଷଜ୍ଞ ଓ ସହ-ପ୍ରତିରତ୍ୱିକ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# ଜାତୀୟତାର ଜୀବନ୍ତ ପ୍ରତୀକ : ଉତ୍କଳମଣି



ବିଚିତ୍ରାନନ୍ଦ ପ୍ରଧାନ

ଆଜିର ବସ୍ତୁସର୍ବସ୍ୱ ଓ ସ୍ୱାର୍ଥ ସର୍ବସ୍ୱ ସମୟରେ ମନେପଡ଼ିଯାଉଛନ୍ତି ଓଡ଼ିଆ ଜାତିର ମଉଡମଣି ଉତ୍କଳମଣି ଗୋପବନ୍ଧୁ। ପ୍ରତିଟି ଓଡ଼ିଆଙ୍କ ପାଇଁ ତାଙ୍କ ହୃଦୟ କାନ୍ଦୁଥିଲା। ତାଙ୍କର ନିଃସ୍ୱାର୍ଥପର ଓଡ଼ିଆର ପ୍ରିୟ ଭାବନା ସହ ସମସ୍ତଙ୍କ ଦୁଃଖ, ଯନ୍ତ୍ରଣା ଓ କଷ୍ଟ ସମୟରେ ସେ ଛିଡ଼ା ହୋଇ ବଢ଼ାଉଥିଲେ ସାହାଯ୍ୟର ହାତ। ଆଜି ପ୍ରତିଟି ଓଡ଼ିଆ ପ୍ରତିଟି ମୁହୂର୍ତ୍ତରେ ତାଙ୍କୁ ଅତି ସମ୍ମାନର ସହିତ ମନେପକାଉଛନ୍ତି। ସେ ନିଜକୁ ବିଜ୍ଞପିତ କରିବା ପାଇଁ ଚାହୁଁନଥିଲେ। ତାଙ୍କର ପଦପଦବୀ, ସ୍ୱାର୍ଥ, ସମ୍ମାନ, ଗରିମା ବା ବ୍ୟକ୍ତି ଲାଳସା କିଛି ହିଁ ନଥିଲା। ତାଙ୍କର କେବଳ ଥିଲା ଏହି ଜାତି ପ୍ରତି ଦୃଢ଼ ଭଲପାଇବା। ସେ ସମୟରେ ଯେତେବେଳେ ଚାରିଆଡ଼େ ବନ୍ୟା, ବାତ୍ୟା ଓ ଦୁର୍ଭିକ୍ଷର ହା ହାକାର ସବୁଠି ଦୁଃଖ ଭରିଦେଇଥିଲା କିନ୍ତୁ ସେ ସମୟରେ ଉତ୍କଳମଣି ନିଜ ଏକମାତ୍ର ପିଲାର ଜୀବନକୁ ପଛରେ ପକାଇ ଧାଇଁ ଯାଇଥିଲେ ସେବାକାର୍ଯ୍ୟ ପାଇଁ। ତାଙ୍କ ବଳୀଦାନ ପ୍ରାତଃ ସ୍ମରଣୀୟ ଓ ଚିରସ୍ମରଣୀୟ ନିଶ୍ଚୟ। ଆଜିର ସମୟକୁ ଦେଖିଲେ ଆମ ଭିତରେ ଅନେକ ଅଛନ୍ତି ଯେଉଁମାନେ ସେମାନଙ୍କର ବଦାନ୍ୟ କାର୍ଯ୍ୟ ପାଇଁ ନିଜକୁ ପ୍ରଚାର ଓ ପ୍ରସାର ସର୍ବସ୍ୱ ଦିଗରେ ନେଉଛନ୍ତି। ଯଦିଓ ସମସ୍ତେ ସେହି ଚରିତ୍ରର ନୁହଁନ୍ତି କିନ୍ତୁ ଉତ୍କଳମଣି ଗୋପବନ୍ଧୁ ଏହା ଠାରୁ ଥିଲେ ବହୁ ଦୂରରେ। ଓଡ଼ିଶା ଇତିହାସରେ ୧୮୭୭ ମସିହା ଅକ୍ଟୋବର ୯ ତାରିଖ ହେଉଛି ଏକ ଚିରସ୍ମରଣୀୟ ଦିବସ। ସେହିଦିନ ଉତ୍କଳର ଅନ୍ୟତମ ବରପୁତ୍ର, ସ୍ୱାଧିନତା ସଂଗ୍ରାମୀ ପଣ୍ଡିତ ଗୋପବନ୍ଧୁ ଦାସ ଜନ୍ମ ଗ୍ରହଣ କରିଥିଲେ। ଗୋପବନ୍ଧୁଙ୍କ ପରି ଯୋଗଜନ୍ମା ସନ୍ତାନ ପାଇ ଉତ୍କଳମାତା ଧନ୍ୟ ହୋଇଥିଲା। ତ୍ୟାଗ ଓ ମାନବିକତାର ଏକ ମଣି ସଦୃଶ୍ୟ ଥିଲେ ଉତ୍କଳମଣି ଗୋପବନ୍ଧୁ। ପୁରୀ ଜିଲ୍ଲା ସ୍କୁଲରେ ଗୋପବନ୍ଧୁଙ୍କ ପିତା ଗୋପବନ୍ଧୁଙ୍କୁ ଅଧ୍ୟୟନ ପାଇଁ ରାମଚନ୍ଦ୍ର ଦାସଙ୍କ ଦାୟିତ୍ୱରେ ଛାଡିଥିଲେ। ରାମଚନ୍ଦ୍ର ଦାସ ନିଃସ୍ୱ ଓ ନିରାଶ୍ରୟଙ୍କ ସେବା, ଦେଶଭକ୍ତି ଭଳି ମହତ କାର୍ଯ୍ୟ କରିବାକୁ ଛାତ୍ର ମାନଙ୍କୁ ପ୍ରେରଣା ଦେଉଥିଲେ। ଛାତ୍ରଜୀବନରୁ ଗୋପବନ୍ଧୁ ରାମଚନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ମନରେ ଦେଶାତ୍ମବୋଧ ବିଶେଷ ଭାବରେ ବଢ଼ିଯାଇଥିଲା ଓ ଦରିଦ୍ର ଅସହାୟ ବ୍ୟକ୍ତିଙ୍କ ପାଇଁ ସେବା କରିବାକୁ ସେ କେବେହେଲେ ପଛେଇ ନଥିଲେ। ଛାତ୍ର ଜୀବନରେ ସେ ପୁରୀରେ ସାଙ୍ଗ ଛାତ୍ରମାନଙ୍କୁ ନେଇ 'ପୁରୀ ସେବା ସମିତି" ଗଠନ କରି ଜନ ସେବା କରିବା ପାଇଁ ଦୃଢ଼ ପ୍ରୟାସ କରିଥିଲେ। ପୁରୀ ସହରରେ ହଇଜା ବ୍ୟାପିଥାଏ। କେତେକ ତୀର୍ଥ ଯାତ୍ରୀ ହଇଜାରେ ମୃତ୍ୟୁବରଣ କରିଥାନ୍ତି। କୁଢ଼ କୁଢ଼ ଶବ ଏଣେତେଣେ ପଡିଥାଏ, ଦୁର୍ଗନ୍ଧରେ ସହର ବଜାର ଫାଟି ପଡୁଥାଏ। ଗୋପବନ୍ଧୁ ସେବା ସମିତି ମାଧ୍ୟମରେ ପଡିଥିବା ଶବ ଗୁଡିକ ସହର ବାହାରକୁ ନେଇ ପୋଡି ଦେଇଥିଲେ ଓ ସହରକୁ ସଂକ୍ରମଣ ମୁକ୍ତ କରିଥିଲେ। ଛାତ୍ର ବୟସରେ ଗୋପବନ୍ଧୁଙ୍କର ଦୃଢ଼ ଇଚ୍ଛାଶକ୍ତି ଓ ଜନସେବା କରିବାର ପ୍ରୟାସ ସହରର ଲୋକମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା। କେବଳ ସେତିକି ନୁହେଁ, କଟକରେ ମଧ୍ୟ ରେଭେନ୍‌ସା କଲେଜରେ ଅଧ୍ୟୟନ ସମୟରେ 'କର୍ତ୍ତବ୍ୟବୋଧିନୀ' ନାମକ ସମିତି ଗଠନ କରିଥିଲେ। କଲିକତା ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ପ୍ରତି ଅବିଚାର କରିଥିବା ବିରୋଧରେ ଏହି ସମିତି ମାଧ୍ୟମରେ ସଂଗ୍ରାମ କରି ଗୋପବନ୍ଧୁ ଜୟଯୁକ୍ତ ହୋଇଥିଲେ। ଛାତ୍ର ଜୀବନରୁ ଗୋପବନ୍ଧୁଙ୍କ ହୃଦୟରେ ଜନସେବା ଓ ଜାତୀୟତା ଭାବ ଜାଗ୍ରତ ହୋଇଥିଲା, ସେହିଦିନଠାରୁ ସେ ଆଉ ପଛକୁ ଚାହିଁ ନାହାଁନ୍ତି। ଚାଲିଛନ୍ତି ଦେଶ ଓ ଜାତିର ସେବା କରିବା ପାଇଁ ଓ ଅସହାୟଙ୍କ ପାଇଁ ସହାୟତାର ହାତ ବଢ଼ାଇବାର ପ୍ରୟାସ ନେଇ। ୧୯୦୯ ମସିହାରେ ଛୁରିଅନା କୁଞ୍ଜତଳେ ବନବିଦ୍ୟାଳୟ ସ୍ଥାପନ କରି ଗୋପବନ୍ଧୁ ଉତ୍କଳୀୟ ସଂସ୍କୃତିକୁ ଚେତନାଶୀଳ କରାଇଥିଲେ। ନୀଳକଣ୍ଠ, ହରିହର ଗୋଦାବରୀଶ, କୃପାସିନ୍ଧୁ, ଲିଙ୍ଗରାଜ ଓ ଅନନ୍ତ ମିଶ୍ର ଆଦି ଏହି ଅନୁଷ୍ଠାନ ପାଇଁ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ। ଗୁରୁକୁଳ ଆଶ୍ରମ ପରିବେଶ ମଧ୍ୟରେ ପିଲାମାନଙ୍କୁ ପାଠ ସହ ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କରାଯାଉଥିଲା। ଗୋପବନ୍ଧୁଙ୍କର ଏହିଭଳି ମହତ କାର୍ଯ୍ୟକୁ ଦେଖି ଲୋକେ ପ୍ରଶଂସାରେ ଶତମୁଖର ହୋଇଥିଲେ। ଜାତୀୟତାବାଦର ଏକ ନୂତନଧାରା ସତ୍ୟବାଦୀର ସାଧକ ଗୋଷ୍ଠି ସାହିତ୍ୟ ମାଧ୍ୟମରେ ପ୍ରକାଶକରି ଯେଉଁ ମାନବୀୟ ଆଦର୍ଶବାର୍ତ୍ତା ପ୍ରଚାର କରି ଯାଇଛନ୍ତି ତାହା ସେମାନଙ୍କୁ ଚିରଦିନ ପାଇଁ ବଞ୍ଚାଇ ରଖିଥିବ। ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା କରିବା ସମୟରେ ଗୋପବନ୍ଧୁ ଓଡ଼ିଆ ଭାଷାକୁ ପ୍ରଚାର ଓ ପ୍ରସାର କରିବା ନିମି 'ସତବାଦୀ' ନାମକ ମାସିକ ସାହିତ୍ୟ ପତ୍ରିକା ଓ 'ସମାଜ' ନାମରେ ସାପ୍ତାହିକ ସମ୍ବାଦ ପତ୍ରିକା ପ୍ରକାଶ କରିଥିଲେ। ସମାଜ ସାପ୍ତାହିକ ପତ୍ରିକା ପରବର୍ତ୍ତୀ ସମୟରେ ମାସିକ ପତ୍ରିକା ଭାବେ ସାରା ଓଡ଼ିଶାରେ ଜନାଦୃତ ହୋଇ ସମ୍ବାଦ ସରବରାହ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛି। ସମାଜ କାର୍ଯ୍ୟାଳୟ ବନ୍ୟା, ବାତ୍ୟା ସମୟରେ ଦୁର୍ଗତ ଲୋକମାନଙ୍କୁ ଖାଦ୍ୟ ବଣ୍ଟନ କରି, ଅସହାୟମାନଙ୍କୁ ସାହାଯ୍ୟ କରିଥାଏ। ଗୋପବନ୍ଧୁଙ୍କର ଜାତୀୟତାବୋଧ ଥିଲା ଅନ୍ତର୍ମୁଖୀ, ଏଥିରେ ତିଳେମାତ୍ର ସଂକୀର୍ଣ୍ଣତା ଭାବ ନଥିଲା। ତାଙ୍କର ଜାତୀୟ ଚେତନା ଥିଲା ଆକାଶ ପରି ବ୍ୟାପକ। ସେ ଭଲ ଭାବରେ ଜାଣିଥିଲେ, ନିଜସ୍ୱ ପରମ୍ପରା ଓ ସଂସ୍କୃତି ଛାଡି ଜାତୀୟ ଜୀବନ ପରିକଳ୍ପନା କରାଯାଇ ନପାରେ। ମହା ମାନବ ମହାତ୍ମାଗାନ୍ଧିଙ୍କ ଡାକରାରେ ଗୋପବନ୍ଧୁ ଭାରତୀୟ ସ୍ୱାଧିନତା ସଂଗ୍ରାମରେ ଝାସ ଦେଇଥିଲେ। ପରମୁହୂର୍ତ୍ତରେ ତାଙ୍କୁ ଜେଲ ବରଣ କରିବାକୁ ପଡିଥିଲା। ତାଙ୍କର କେତେକ ପୁସ୍ତକ, ଅବକାଶ ଚିନ୍ତା, କାରା କବିତା, ବନ୍ଦୀର ଆତ୍ମକଥ, ଧର୍ମପଦ, ଗୋମାହାତ୍ମ୍ୟ ଓ ନଚିକେତା ଉପଖ୍ୟାନ ପାଠକ ମାନଙ୍କର ମନଛୁଇଁ ପାରିଛି। ତାଙ୍କ କବିତାରେ ବିରତ୍ୱର ପ୍ରେରଣା, ତ୍ୟାଗ ଓ ସ୍ୱଦେଶପ୍ରୀତି ପ୍ରତିଫଳିତ ହୋଇଅଛି। ମଧୁସୂଦନଦାସଙ୍କ ଠାରୁ ପ୍ରେରଣା ପାଇ ଦେଶ ଓ ଜାତିର ସେବା ଉଦ୍ଦେଶ୍ୟରେ ଗୋପବନ୍ଧୁ ନିର୍ବାଚନ ଜିତି ବିହାର ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନସିଲ୍‌ର ସଭ୍ୟ ପଦ ପାଇଥିଲେ। ଓଡ଼ିଶାର ବନ୍ୟା ଦୁର୍ଗତଙ୍କ ପାଇଁ ଗୋପବନ୍ଧୁ ସାହାଯ୍ୟ ସଂଗ୍ରହ କରି ନିଃସ୍ୱ ଓ ନିସହାୟ ଲୋକମାନଙ୍କୁ ଦୁର୍ଦ୍ଦିନରେ ସହାୟ ହୋଇଥିଲେ। ଗୋପବନ୍ଧୁ ମନୁଷ୍ୟର ଦୁଃଖ ଦୈନ୍ୟରେ ଲହୁଲୁହାଣ ହୋଇ ଲୁହ ଝରାଉଥିଲେ ଓ ଘାତ ପ୍ରତିଘାତ ସତ୍ତ୍ୱେ ସହାୟତାର ସମସ୍ତ ପ୍ରୟାସ କରୁଥିଲେ। ନିଜର ବ୍ୟକ୍ତିଗତ ଅଭାବ ଅସୁବିଧାକୁ ଅଣଦେଖାକରି, ସେ ନିଃସ୍ୱ ନିସହାୟକୁ ବଞ୍ଚିବାର ରାହା ଦେଖାଇଥିଲେ। ଗୋପବନ୍ଧୁ ଭାବୁଥିଲେ ମମତା ଓ ଭାତୃଭାବ ହିଁ ହେଉଛି ଜାତୀୟତାର ମୂଳମନ୍ତ୍ର। ବ୍ୟକ୍ତି ସ୍ୱାର୍ଥ ଅପେକ୍ଷା ଗଣସ୍ୱାର୍ଥରେ ଜାତୀୟତାର ବିକାଶ ହୁଏ। ପଣ୍ଡିତ ଗୋପବନ୍ଧୁ ଦାସ ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଭରି ଦେଇଥିଲେ ତ୍ୟାଗ ଓ ଦେଶ ପ୍ରେମର ବାର୍ତ୍ତା। ଦେଶ ଓ ଜାତିର ଉନ୍ନତି ପାଇଁ ସେ ନିଜକୁ ସମର୍ପିତ କରି ଦେଇଥିଲେ। ଦେଶ ଓ ଜାତି ପାଇଁ ଏପରି ଆତ୍ମବଳିଦାନର ପରମ୍ପରା କେବଳ ଗୋପବନ୍ଧୁ ସୃଷ୍ଟି କରି ଯାଇଛନ୍ତି। ସେ ଥିଲେ ଜାତୀୟତାର ଜୀବନ୍ତ ପ୍ରତୀକ। ସମଗ୍ର ବିଶ୍ୱ ସାହିତ୍ୟରେ ଏପରି ଚିନ୍ତାଧାରା ଦେଖିବାକୁ ମିଳେ ନାହିଁ। ବାସ୍ତବରେ ଗୋପବନ୍ଧୁ ଥିଲେ ଜଣେ ଦରଦୀ, ପରପୋକାରୀ, ହୃଦୟବାନ ମଣିଷ। ତାଙ୍କର ତ୍ୟାଗ ଓ ଜାତି ପ୍ରେମ ପାଇଁ ଓଡ଼ିଆ ଜାତି ତାଙ୍କୁ ଚିରଦିନ ପାଇଁ ମନେ ରଖିଥିବ। ଉତ୍କଳମଣିଙ୍କୁ ସ୍ମରଣ କରିବା ପାଇଁ ତାଙ୍କ ଜନ୍ମତିଥି ବା ଶ୍ରାଦ୍ଧ ଦିବସରେ କେବଳ ପୁଷ୍ପମାଲ୍ୟ ଦେଲେ ଚଳିବ ନାହିଁ। ତାଙ୍କ ନିଃସ୍ୱାର୍ଥପର ସେବା ମନୋଭାବ ନିଜ ଜୀବନରେ ବ୍ରତ ଭାବେ ଗ୍ରହଣ କଲେ ଏହା ହେବ ଉତ୍କଳମଣିଙ୍କ ପାଇଁ ଶ୍ରେଷ୍ଠ ଅର୍ଘ୍ୟ ଓ ଶ୍ରେଷ୍ଠ ସମ୍ମାନ।

*ସେକ୍ଟର -୯, ସିଡିଏ, କଟକ, ଦୂରଭାଷ : ୯୯୩୭୨୨୪୦୮୫*

# ଝାଡ଼ଖଣ୍ଡ ସରକାରଙ୍କ ଓଡ଼ିଆ ମାରଣ ନୀତି



ବାଦଲ ଭୂୟାଁ

ଝାଡ଼ଖଣ୍ଡରେ ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷକ ତାଲିମ କାର୍ଯ୍ୟକ୍ରମରୁ ଓଡ଼ିଆ ଭାଷାକୁ ସମ୍ପୂର୍ଣ୍ଣ ହଟାଇ ଜାତୀୟ ଶିକ୍ଷା ପରିଷଦ ଯେଉଁ ବିଜ୍ଞପ୍ତି ପ୍ରକାଶ କରିଛି, ତାହା ଅଭିସନ୍ଧିମୂଳକ ଓ ନିନ୍ଦନୀୟ। ଏହି ବିଜ୍ଞପ୍ତିରେ ସଂସ୍କୃତ, ବାଂଲା, ଉର୍ଦ୍ଦୁ, ହୋ, ନାଗପୁରୀ, ମୁଣ୍ଡାରୀ, ଖଡ଼ିଆ, ସାନ୍ତାଳୀ ଓ କୁଦମାଲି ଆଦି ଭାଷା ସ୍ଥାନ ପାଇଥିବାବେଳେ ଓଡ଼ିଆ ଭାଷାକୁ ରହସ୍ୟଜନକ ଭାବେ ବାଦ ଦିଆଯାଇଛି। ଓଡ଼ିଆ ସ୍ଥାନରେ ହିନ୍ଦୀକୁ ପ୍ରଚଳନ କରାଯିବାର ପ୍ରୟାସ ଏହା ମାଧ୍ୟମରେ ରୀତିମତ ହୋଇଥିବାବେଳେ ଓଡ଼ିଶାର ଏହି ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ମାରଣ ଷଡ଼ଯନ୍ତ୍ରର ଆଉ ଏକ ପର୍ଯ୍ୟାୟ ଆରମ୍ଭ ହୋଇଛି। ଏବେ ପ୍ରାଥମିକସ୍ତରରେ ତାଲିମପ୍ରାପ୍ତ ଓଡ଼ିଆ ଶିକ୍ଷକଙ୍କ ଅଭାବରୁ ପୂର୍ବ ଓ ପଶ୍ଚିମ ସିଂହଭୂମ ଷଢ଼େଇକଳା, ଖରସୁଆଁ ଜିଲ୍ଲାରେ ଆଉ ଓଡ଼ିଆ ପିଲାଏ ନିଜ ମାତୃଭାଷାରେ ପାଠ ପଢ଼ିବାର ସୁଯୋଗ ପାଇବେ ନାହିଁ। ଏହି ତିନିଟି ସୀମାନ୍ତ ଜିଲ୍ଲାରେ ବହୁ ଓଡ଼ିଆ ବସବାସ କରନ୍ତି। ତିନି ଜିଲ୍ଲାରୁ ମୋଟ ଜନସଂଖ୍ୟାର ୩୩.୪୯ ପ୍ରତିଶତ ଓଡ଼ିଆ ବୋଲି ୨୦୧୧ ଜନଗଣନାରୁ ଜଣାପଡ଼େ। ସେଥିରୁ ସର୍ବାଧିକ ପ୍ରାୟ ୧୯ ଶତାଂଶ ପଶ୍ଚିମ ସିଂହଭୂମ ଜିଲ୍ଲାରେ ବସବାସ କରନ୍ତି। ଆହୁରି ମଧ୍ୟ ଷଢ଼େଇକଳା ଖରସୁଆଁ ଜିଲ୍ଲାର ପଶ୍ଚିମାଞ୍ଚଳରେ ଓଡ଼ିଆ ମୁଖ୍ୟ ଭାଷା। ପୂର୍ବ ସିଂହଭୂମରେ ପ୍ରାୟ ୧୦ ଭାଗ ଲୋକଙ୍କ ମାତୃଭାଷା ଓଡ଼ିଆ ହୋଇଥିବାବେଳେ ପଶ୍ଚିମ ସିଂହଭୂମରେ ଏହି ସଂଖ୍ୟା ଛ'ଶତାଂଶ ଉପରେ। ଏବେ ତାଲିମପ୍ରାପ୍ତ ଶିକ୍ଷକଙ୍କ ଅଭାବରୁ ଓଡ଼ିଆ ପିଲାମାନେ ନିଜ ମାତୃଭାଷାରେ ପଢ଼ିବାର ସୁଯୋଗ ପାଇବେ ନାହିଁ ଏବଂ ସେମାନେ ହିନ୍ଦୀ କିମ୍ବା ଅନ୍ୟ ଭାଷା ପଢ଼ିବାକୁ ବାଧ ହେବେ। ଶିକ୍ଷାନୀତି ଅନୁସାରେ ବିଚ୍ଛିନ୍ନାଞ୍ଚଳରେ ବିଶେଷକରି ଗୋଟିଏ ରାଜ୍ୟର ଭାଷାଗତ ସଂଖ୍ୟାଲଘୁଙ୍କୁ ମାତୃଭାଷାରେ ଶିକ୍ଷାଲାଭର ସୁଯୋଗ ଦେବାକୁ ସପ୍ତମ ବିଷୟର ବ୍ୟବସ୍ଥା ରହିଛି। ଏହି ପଦକ୍ଷେପ ମଧ୍ୟ ନୂଆ ଜାତୀୟ ଶିକ୍ଷାନୀତି ୨୦୨୦ର ବିରୋଧାଚରଣ କରୁଛି। ଝାରଖଣ୍ଡର ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ମାନଙ୍କରେ ଓଡ଼ିଆ ଭାଷା ଉଚ୍ଛେଦକୁ ଏଠାରେ ଅବସ୍ଥାନ କରୁଥିବା ଓଡ଼ିଆମାନେ ତୀବ୍ର ବିରୋଧ କରିଛନ୍ତି। ଝାରଖଣ୍ଡ ରାଜ୍ୟର ତିନୋଟି ଜିଲ୍ଲା ଷଢ଼େଇକଳା-ଖରସୁଆଁ, ପୂର୍ବ-ସିଂହଭୂମ ଓ ପଶ୍ଚିମ-ସିଂହଭୂମରେ ଅବସ୍ଥାନ କରୁଥିବା ଓଡ଼ିଆମାନେ ଓ ତା'ସହିତ ରାଜ୍ୟର ଅନ୍ୟ ଅଞ୍ଚଳ ବୋକାରୋ, ରାଞ୍ଚି, ଧାନବାଦ, ସିମଡ଼େଗା, ଗୁମଲା, ରାମଗଡ଼, ହଜାରିବାଗ ଠାରେ ଅବସ୍ଥାନ କରୁଥିବା ଓଡ଼ିଆମାନେ ଝାରଖଣ୍ଡ ସରକାରଙ୍କ ଓଡ଼ିଆ ମାନଙ୍କ ପ୍ରତି ଥିବା ବୈମାତୃକ ଭାବକୁ ଘୋର ନିନ୍ଦା କରି ରାଜ୍ୟର ବିଭିନ୍ନ ଯାଗାରେ ପ୍ରତିବାଦ ସଭାମାନ କରି ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜାମସେଦପୁରରେ ଥିବା ଉତ୍କଳ ଆସୋସିଏସନ, ଗୋଲମୁରୀ ଉତ୍କଳ ସମାଜ, କଦମାର ଉତ୍କଳ ବାନ୍ଧବ ସମିତି, ମନୋହରପୁର, ଗୋୟଲକେରା, ସୋନୁଆ, ଟୁପିଆ, କୁଲା, ଷଢ଼େଇକଳା, ବାରୀଳ, ମଦାଙ୍ଗଜାହିର, ଶଶୀକଳା, ଭାଲୁରଙ୍ଗୀ, ନିଶ୍ଚିନ୍ତପୁର, କେରା, ଖରସୁଆଁ, ଚାଇଁବସା, ରାଜନଗର, ହେସଲ, ହାତୀ, ହଳଦୀପୋରୀ, ଯାଦୁଗୋଡ଼ା, ରାଖାମାଇନ, ମଉଭଣ୍ଡାର, ଘାଟିସିଲା, ମହଳାଗୋଡ଼ା, ଆଦିତ୍ୟପୁରର ସାଲଦି, ବାଡୁବାଦ, ଚକ୍ରଧରପୁର, ଜାମଦା, ଜୟନ୍ତଗଡ଼, ମଝିଗାଁ, ଖୁରି, ବାନା, ଶମହାରିଆ ଆଦି ଅଞ୍ଚଳରେ ଓଡ଼ିଆ ଶିକ୍ଷକ, ଅଧ୍ୟାପକ, ଡାକ୍ତର, ଓକିଲ ଓ ସମାଜସେବୀମାନେ ଯୋଗ ଦେଇ ସରକାରଙ୍କ ଓଡ଼ିଆ ମାରଣ ଆଭିମୁଖ୍ୟକୁ ଘୋର ବିରୋଧ କରିଛନ୍ତି। ଏହି ସଭା ମାନଙ୍କରେ ଯୋଗ ଦେଇଥିବା ବକ୍ତମାନେ ନିଜ ନିଜର ବକ୍ତବ୍ୟରେ କହିଲେ ଯେ ଷଢ଼େଇକଳା-ଖରସୁଆଁ ଜିଲ୍ଲାରେ ଓଡ଼ିଆ ମାନଙ୍କ ସଂଖ୍ୟା ପ୍ରାୟ ୬୦% ହେବ, ପଶ୍ଚିମ-ସିଂହଭୂମରେ ପ୍ରାୟ ୭୦% ହେବ, ପୂର୍ବ-ସିଂହଭୂମରେ ପ୍ରାୟ ୪୦% ହେବ କିନ୍ତୁ ଓଡ଼ିଆ ମାନଙ୍କ ସଂଖ୍ୟାକୁ ଜନସଂଖ୍ୟା ତାଲିକାରେ ଅଳ୍ପ ଦର୍ଶାଯାଇଛି। ଅନେକ ଦିନୁ ଜନସଂଖ୍ୟା ଗଣନା ମଧ୍ୟ ହୋଇନାହିଁ ବିଭିନ୍ନ କମ୍ପାନୀ ମାନଙ୍କରେ ଓଡ଼ିଆ ଭାଷୀମାନଙ୍କୁ ଅଗ୍ରାଧିକାର ଦେବାର ମଧ୍ୟ ଚୁକ୍ତି ହୋଇଥିବାର ବକ୍ତାଗଣ କହିଥିଲେ। ଷଢ଼େଇକଳା, ଖରସୁଆଁ, ଧଳଭମଗଡ଼, କେରା ଆଦି ଅଞ୍ଚଳର ରାଜା ମାନଙ୍କ ଅଧିନରେ ଥିବା ଜମିଜମା ଓ କୋର୍ଟ କଚେରୀର କାମ ଓ ମାମଲାର ଶୁଣାଣି ଓଡ଼ିଆ ଭାଷାରେ ହେଉଥିଲେ ଓ ଓଡ଼ିଆ ମାନଙ୍କର ଏ ଅଞ୍ଚଳରେ ସଂଖ୍ୟା ବହୁଳତାକୁ ଦର୍ଶାଏ। ଏଇ କିଛି ଦିନ ତଳେ ଜାମସେଦପୁରର ଉତ୍କଳ ଆସୋସିଏସନ ଠାରେ ଏକ ପ୍ରତିବାଦ ସଭା ଓ ଏହି ବିଷୟରେ ବିହିତ ପଦକ୍ଷେପ ନେବାର ସଭାରେ ସମସ୍ତ ବକ୍ତା ସରକାରଙ୍କ ପଦକ୍ଷେପ ନିନ୍ଦନୀୟ ବୋଲି କହିଥିଲେ। ଏ ସଭାରେ ଝାରଖଣ୍ଡର ପୂର୍ବ ସ୍ୱାସ୍ଥ୍ୟ ମନ୍ତ୍ରୀ ଡାକ୍ତର ଦିନେଶ କୁମାର ଷଡ଼ଙ୍ଗୀ, ବରିଷ୍ଠ ଓକିଲ ମନୋରଞ୍ଜନ ଦାଶ, ଉତ୍କଳ ଆସୋସିଏସନର ସଭାପତି ଡାକ୍ତର ଶ୍ରୀଧର ପ୍ରଧାନ, ବରିଷ୍ଠ ଉପସଭାପତି ସଞ୍ଜୀବ ପାତ୍ର, ଉପସଭାପତି ବାଦଲ ଭୂୟାଁ, ସାଧାରଣ ସମ୍ପାଦକ ତରୁଣ କୁମାର ମହାନ୍ତି, ଉପ ସଚିବ ବିଭୂତି ଭୂଷଣ ମହାନ୍ତି, କୋଷାଧ୍ୟକ୍ଷ ମନୀଷ ଦାଶ, ପ୍ରାଧ୍ୟାପକ ମନୋଜ ମହାପାତ୍ର, ଷଢ଼େଇକଳା ନଗର ପଞ୍ଚାୟତ ସଭାନେତ୍ରୀ ମିନାକ୍ଷୀ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ କାର୍ତ୍ତିକ ପରିଛା, ପ୍ରଶାନ୍ତ ମହାନ୍ତି, ଅଜିତ ରାଉତ, ପୀତବାସ ପ୍ରଧାନ, ଖରସୁଆଁରୁ ନନ୍ଦୁ ପାଣ୍ଡେ, ଅଶୋକ ସାମନ୍ତ, ପବିତ୍ର ଜେନା, ସୌମେନ୍ଦ୍ର ଭୂୟାଁ, ମନୋରଞ୍ଜନ ଗୌଡ଼, ସସ୍ମିତା ପାତ୍ର, ପ୍ରଦୀପ କୁମାର ଜେନା, ଅଶୋକ କୁମାର ମହାପାତ୍ର, ପ୍ରତିଭା ମହାନ୍ତି, ପ୍ରଫେସର ସୁନୀଲ ଷଡ଼ଙ୍ଗୀ, ସରମିଷ୍ଠା ଷଡ଼ଙ୍ଗୀ, ଅଭିମନ୍ୟୁ ଚୌଧୁରୀ, ମନୋଜ ସାହୁ, ମନୋରଞ୍ଜନ ପଶାୟତ, ମନୋରଞ୍ଜନ ସ୍ୱାଇଁ, କନକଲତା ସ୍ୱାଇଁ ପ୍ରମୁଖ ବକ୍ତାଗଣ ଉପସ୍ଥିତ ରହି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏଠାରେ ପ୍ରକାଶ ଥାଉ କି ଉତ୍କଳ ସମ୍ମିଳନୀ ମାଧ୍ୟମରେ ଏଠାରେ ସମସ୍ତ ବିଦ୍ୟାଳୟକୁ ଓଡ଼ିଶା ସରକାର ପାଠ୍ୟପୁସ୍ତକ ମାଗଣାରେ ଦେଉଛନ୍ତି। ୧୪୪ଟି ସ୍କୁଲରେ ୧୬୦ଜଣ ଶିକ୍ଷକ ଉତ୍କଳ ସମ୍ମିଳନୀଙ୍କ ଦ୍ୱାରା ନିୟୋଜିତ ହୋଇଛନ୍ତି। ମାସିକ ମାନ ଦେୟ ୩ ହଜାର ଟଙ୍କାରେ ଶିକ୍ଷକ ମାନଙ୍କୁ ଦରମା ଦିଆଯାଏ। ସେ ଟଙ୍କା ୨୨ ମାସ ହେଲା ମିଳିନାହିଁ ବୋଲି ଶିକ୍ଷକ ଶିକ୍ଷୟିତ୍ରୀମାନେ କୋହଭରା କଣ୍ଠରେ ଏ ଲେଖକୁ କହିଛନ୍ତି। ଆଗରୁ ଛାତ୍ରବୃତ୍ତି ମିଳୁଥିଲା ତାହା ଏବେ ବନ୍ଦ। ଓଡ଼ିଶା ସରକାର ଏହା ଉପରେ ବିଚାର କଲେ ଏଠାକାର ଓଡ଼ିଆ ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୁଅନ୍ତା ବୋଲି ବକ୍ତାଗଣ କହିଲେ। ଚାଇଁବସାର ଜଗତ କିଶୋର ସାମଲ, ପ୍ରଦୀପ ଦାସ, ରୋହିତ କୁମାର ସାହୁ, ବିଷ୍ଣୁପଦ ସିଂହଦେଓ, ମାଧବ ଶତପଥୀ, ଅଶୋକ ଷଡ଼ଙ୍ଗୀ, ସୁମନ୍ତ ମହାନ୍ତି, ସୁଶୀଲ ଷଡ଼ଙ୍ଗୀ, ସତ୍ୟପ୍ରକାଶ କର, ଦୀପକ ସିଂହଦେବ, ସରୋଜ ପ୍ରଧାନ, ପ୍ରଫେସର ନାଗେଶ୍ୱର ପ୍ରଧାନ, ରାଜୀବ ସିଂହଦେବ, କାମାକ୍ଷା ସିଂହଦେବ, ପୂର୍ଣ୍ଣେନ୍ଦୁ ନନ୍ଦ ଓ ବିଦ୍ୟାନାଥ ପ୍ରମୁଖ ସିଂହଭୂମର ବିଭିନ୍ନ ଅଞ୍ଚଳରେ ସରକାରଙ୍କ ଓଡ଼ିଆ ମାରଣ ନୀତିକୁ ବିରୋଧ କରି ପ୍ରତିବାଦ ସଭାମାନ କରୁଛନ୍ତି। ଏକଦା ଓଡ଼ିଆ ଝାଡ଼ଖଣ୍ଡର ଦ୍ୱିତୀୟ ସରକାରୀ ଭାଷା ଥିଲା। ରାଜନୈତିକ ଚକ୍ରାନ୍ତ କରି ତାହାକୁ ହଟାଇ ଦିଆଯାଇ ବାଂଲାକୁ ସେଠାରେ ଏବେ ଦ୍ୱିତୀୟ ସରକାରୀ ଭାଷାର ମର୍ଯ୍ୟାଦା ଦିଆଯାଇଛି। ବଙ୍ଗାଳୀ ଭାଷାଭାଷୀଙ୍କ ସଂଖ୍ୟା ଦୃଷ୍ଟିରୁ ବାଂଲାକୁ ସରକାରୀ ଭାଷାର ମାନ୍ୟତା ଦେବାରେ କିଛି ଅସୁବିଧା ନାହିଁ। କିନ୍ତୁ ଜନସଂଖ୍ୟା ଆଧାରରେ ଓଡ଼ିଆକୁ ଏହି ମର୍ଯ୍ୟାଦାରୁ ବଞ୍ଚିତ କରିବାର ଯଥାର୍ଥତା ବୁଝି ହେଉନାହିଁ। ଝାଡ଼ଖଣ୍ଡର ୨୪ ଜିଲ୍ଲା ମଧ୍ୟରୁ ୧୦ଟିରେ ଓଡ଼ିଆ ଭାଷାଭାଷୀ ଲୋକ ବହୁ ସଂଖ୍ୟାରେ ବସବାସ କରନ୍ତି ଏବଂ ଚକ୍ରଧରପୁର, ଆଦିତ୍ୟପୁର, ଜାମସେଦପୁର, ଚାଇବସା, ଜଗନ୍ନାଥପୁର, ଧଳଭୂମ, ପୁରୁଣାବସ୍ତ, ବାହାଡ଼ାଗୋଡ଼ା ଆଦି ସହରାଞ୍ଚଳରେ ଏମାନଙ୍କ ସଂଖ୍ୟା ବହୁ ଅଧିକ। ଭାଷାଭିତ୍ତିକ ସଂଖ୍ୟାଲଘୁଙ୍କର ନିଜ ମାତୃଭାଷାରେ ପାଠ ପଢ଼ିବା ଏକ ସାମ୍ବିଧାନିକ ଅଧିକାର। ଏହା ଜାଣି ସୁଦ୍ଧା ଏନସିଟିଇ କିପରି ଏଭଳି ଅବିବେକୀ କାର୍ଯ୍ୟକଳା ତାହାର ଉତ୍ତର ଲୋଡ଼ା। ଏହି ଘଟଣାରେ ଝାଡ଼ଖଣ୍ଡର ଓଡ଼ିଆ ସଂଗଠନ ଓ ଭାଷା ସୁରକ୍ଷା ସଂସ୍ଥାମାନ ପ୍ରତିବାଦ କରିବା ସ୍ୱାଭାବିକ। ଓଡ଼ିଆ ଭାଷା ବିଚାରମଞ୍ଚର ଏ ସଂକ୍ରାନ୍ତ ଉଦ୍ୟମ ନିଶ୍ଚିତ ସ୍ୱାଗତଯୋଗ୍ୟ। ଗୋଟେ ସମୟ ଥିଲା, ଏହି ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବାକୁ ଉତ୍କଳମଣି ଗୋପବନ୍ଧୁ ଦାସ ଓ ତାଙ୍କର ସହକର୍ମୀମାନେ ନାହିଁ ନଥିବା ଉଦ୍ୟମ କରିଥିଲେ। ସେଠାରେ ଓଡ଼ିଆ ସ୍କୁଲ ପ୍ରତିଷ୍ଠା କରିବା ସହିତ ଓଡ଼ିଆଙ୍କ ଅଧିକାର ପାଇଁ ଲଢ଼ିଥିଲେ। ଓଡ଼ିଶା ସରକାର ମଧ୍ୟ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ସୁରକ୍ଷା ଓ ବିକାଶ ପାଇଁ ନାନାବିଧ ପଦକ୍ଷେପ ଗ୍ରହଣ କରିଆସୁଛନ୍ତି। ଓଡ଼ିଆ ବହି ଯୋଗାଣ ସହ ଓଡ଼ିଆ ଶିକ୍ଷକ ନିଯୁକ୍ତିକୁ ଅଗ୍ରାଧିକାର ଦିଆଯାଉଛି। ଏହାସତ୍ତ୍ୱେ ସେଠାରେ ଓଡ଼ିଶା ଶିକ୍ଷକଙ୍କୁ ତାଲିମରୁ ବଞ୍ଚିତ କରିବା ପ୍ରୟାସ ଅଭିସନ୍ଧିମୂଳକ ଏବଂ ଅତ୍ୟନ୍ତ ନିନ୍ଦନୀୟ। ଏହି ପ୍ରସଙ୍ଗରେ ସେଠାକାର ଓଡ଼ିଆ ସଂଗଠନମାନ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିବା ଯୁକ୍ତିଯୁକ୍ତ ମନେହୁଏ। ଓଡ଼ିଶା ସରକାର ମଧ୍ୟ ଏନସିଟିଇ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନିକଟରେ ଦାବୀ ଉପସ୍ଥାପନ୍ କରିବା ଆବଶ୍ୟକ। ଏନସିଟିଇ ଏକ ସାମ୍ବିଧାନିକ ସଂସ୍ଥା ଏବଂ ଭାରତ ସରକାର ଏହାକୁ ୧୯୯୩ର ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ ଆଇନ ଅନୁସାରେ ଗଠନ କରିଛନ୍ତି। ଏହାର କାମ ହେଲା ପ୍ରାଥମିକ ଶିକ୍ଷକଙ୍କ ତାଲିମ ଓ ପ୍ରଶିକ୍ଷଣ ସମ୍ପର୍କରେ ନୀତି ନିର୍ଦ୍ଧାରଣ କରିବା ସହିତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବା। ଭାରତ ସରକାରଙ୍କ ସ୍କୁଲ ଶିକ୍ଷା କ୍ଷେତ୍ରରେ ଏହା କାମ କରୁଛି। ଏହାର ବିଭିନ୍ନ କାର୍ଯ୍ୟ ମଧ୍ୟରୁ ସମସ୍ତଙ୍କୁ ଶିକ୍ଷା ଅଧିକାର ଯୋଗାଇବାର ସୁଯୋଗ ଦେବା ଅନ୍ୟତମ। ପରିତାପର ବିଷୟ ଏହି ସଂସ୍ଥା ଝାଡ଼ଖଣ୍ଡରେ ଏବେ ଓଡ଼ିଆ ଭାଷା ମାରଣ ଯଜ୍ଞରେ ମୁଖ୍ୟ ପୁରୋହିତ ସାଜିଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ଅବିଚାର ପ୍ରତି ଦୃଷ୍ଟି ଦେଇ ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବା ଉଚିତ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ /




## ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ୪୦ତମ ବାର୍ଷିକୋତ୍ସବ ଅନୁଷ୍ଠିତ

ନୂଆପଡ଼ା,(ପି.ଏନ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ଟିକ୍ରାପଡ଼ା ଗ୍ରାମସ୍ଥିତ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ୪୦ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ନିମନ୍ତ୍ରିତ ମୁଖ୍ୟ ଅତିଥି ଦୀପିକା ଦୀପ, ଉପସଭାପତି ଜିଲା ପରିଷଦ ନୂଆପଡା, ମୁଖ୍ୟବକ୍ତା ଗୌରାଙ୍ଗ ଚରଣ ସାହୁ, ସହକାରୀ ଶିକ୍ଷକ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ଖଡିଆଳ, ସମ୍ମାନିତ ଅତିଥି ଯମୁନା ହରିଜନ, ସରପଞ୍ଚ ଟିକ୍ରାପଡ଼ା ଗ୍ରା. ପ, ରୋମାଞ୍ଚଳି ଦଳପତି, ସମିତିସଭ୍ୟା ଟିକ୍ରାପଡ଼ା ଗ୍ରା. ପ, ରଞ୍ଜିତ କୁମାର ଦଣ୍ଡସେନା, ଚେୟାରମେନ ଏସଏମସି ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ସୁଧାଂଶୁ ମୌଳି ପୁରୋହିତ ଏବିଇଓ କୋମନା, ଗୌରଚନ୍ଦ୍ର ରଣା ସିଆରସିସି ଟିକ୍ରାପଡ଼ା କ୍ଲଷ୍ଟର ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ବିବରଣୀ ପାଠ କରାଯାଇଥିଲା ଓ ପରେ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ବୃନ୍ଦ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟର ପାଠ୍ୟକ୍ରମ ଓ ଉପଲବ୍ଧ ବ୍ୟବସ୍ଥା ସମ୍ବନ୍ଧରେ ବକ୍ତବ୍ୟ ରଖିଥିବା ବେଳେ ଉପସ୍ଥିତି ଜନ ପ୍ରତିନିଧି ବିଦ୍ୟାଳୟର ଅନ୍ୟ ସୁବିଧା ଓ ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଶ୍ରୀସାହୁ ଛାତ୍ର ଛାତ୍ରୀମାନେ ଚରିତ୍ରବାନ ଓ ଆଦର୍ଶ ବିଦ୍ୟାର୍ଥୀ ହେବା ସଙ୍ଗେ ସଙ୍ଗେ ଦେଶର ସୁନାଗରିକ ହେବା ପାଇଁ ବିଭିନ୍ନ ଉଦାହଣ ଉପସ୍ଥାପନ ପୂର୍ବକ ପ୍ରଭାବଶାଳୀ ତଥା ଅତି ପ୍ରଶଂସନୀୟ ବୌଦ୍ଧିକ ପ୍ରଦାନ କରିଥିଲେ। ବାର୍ଷିକୋତ୍ସବର ଆଉ ଏକ ବିଶେଷତ୍ୱ ହେଉଛି ବିଦ୍ୟାଳୟର ବିବରଣୀ ପାଠ ସଙ୍ଗେ ସଙ୍ଗେ ୧୯୮୪ ମସିହାରେ ଯେଉଁମାନେ ବିଦ୍ୟାଳୟର ପ୍ରତିଷ୍ଠା ନିମନ୍ତେ ବିଶେଷ ରୂପେ ତନ ମନ ଧନ ତଥା ସମୟ ପ୍ରଦାନ ପୂର୍ବକ ନେତୃତ୍ୱ ନେଇଥିଲେ ସେମାନଙ୍କ ମଧ୍ୟରୁ ୯ ଜଣ ସ୍ୱର୍ଗାରୋହଣ କରିଯାଇଥିବାରୁ ସେମାନଙ୍କୁ ସ୍ମରଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା ଏବଂ ବର୍ତ୍ତମାନର ଜୀବିତ ୩ ଜଣ ବୁଦ୍ଧିଜୀବୀ ରାଜେନ୍ଦ୍ର କୁମାର ଦଣ୍ଡସେନା (୮୨) ଅବସରପ୍ରାପ୍ତ ଶିକ୍ଷକ, ଯୁବଳେଶ୍ୱର ନାୟକ (୮୦) ଅବସରପ୍ରାପ୍ତ ଶିକ୍ଷକ ଓ ପୁସ୍ତମ ସୁନାନୀ (୬୯) ଅବସରପ୍ରାପ୍ତ କୃଷି ଅଧିକାରୀ ଓ ସମାଜସେବୀଙ୍କୁ ଆଦର ସମ୍ମାନ ଅର୍ପଣ କରାଯାଇଥିଲା। ସଭାକାର୍ଯ୍ୟ ସମାପନ ପରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଙ୍ଗୀତ, ନୃତ୍ୟ ଓ ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସମସ୍ତ ଷ୍ଟାଫ୍ ଉପସ୍ଥିତ ଥିବା ବେଳେ ଗ୍ରାମର ବହୁସଂଖ୍ୟକ ଯୁବକ, ଯୁବତୀ ତଥା ଗ୍ରାମବାସୀ ଉତ୍ସାହ ଓ ଶୃଙ୍ଖଳାର ସହତ ଉପସ୍ଥିତ ରହି କାର୍ଯ୍ୟକ୍ରମର ସହଭାଗୀ ହୋଇଥିଲେ।

## କେନ୍ଦ୍ରର ବିଜେପି ସରକାର ଛଡାଇ ନେଇଛି ଗରିବଙ୍କ ଆହାର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିଜେଡିର ବିକ୍ଷୋଭ ଓ ଧାରଣା

ଭଦ୍ରକ, (ପି.ଏନ): କେନ୍ଦ୍ର ସରକାରଙ୍କ ଚାଷୀ ଓ ଗରିବ ମାରଣ ନୀତି ବିରୁଦ୍ଧରେ ରାସ୍ତାକୁ ଓହ୍ଲାଇଛି ବିଜେଡି। କେନ୍ଦ୍ରର ଧାନକିଣା ନୀତି ଓ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା(ପିଏମଜିକେଓ୍ୱାଇ) ବନ୍ଦ ପ୍ରସଙ୍ଗରେ ଆଜି ଭଦ୍ରକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି। ଓଡିଶାରୁ ଉଷୁନା ଚାଉଳ ଉଠାଣ ପରିମାଣ କମାଇବା ସହ ପିଏମଜିକେଓ୍ୱାଇ ବନ୍ଦ ଯୋଗୁଁ ହିତାଧିକାରୀଙ୍କ ୫କିଲୋ ଲେଖାଏଁ ଚାଉଳ କାଟ୍ କୁ ବିଜେଡି ପକ୍ଷରୁ ବିରୋଧ କରାଯାଇଛି। ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖ ଧାରଣାସ୍ଥଳରେ ବିଜେଡିର ଜିଲ୍ଲାସ୍ତରୀୟ ନେତାମାନେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଚଳିତ ବର୍ଷ ବଜେଟରେ କେନ୍ଦ୍ର ସରକାର କ୍ରୟ ପାଣ୍ଠିରେ ୨୦ହଜାର କୋଟି ଟଙ୍କା ହ୍ରାସ କରିଛନ୍ତି। ପୂର୍ବରୁ ଓଡିଶା ର ଉଷୁନା ଚାଉଳ ଉଠାଣ ପରିମାଣ କମାଇ ଦେଇଛନ୍ତି। ଫଳରେ ରାଜ୍ୟରେ ଲକ୍ଷ ଲକ୍ଷ ଚାଷୀଙ୍କ ଧାନବିକ୍ରି ପ୍ରଭାବିତ ହେବାର ସମ୍ଭାବନା ରହିଛି। ପୂର୍ବରୁ ଓଡିଶାରେ ୧୮ଲକ୍ଷ ମାଟ୍ରିକ ଟନ୍ ଚାଉଳ ଉଠୁଥିବା ବେଳେ ଏବେ ଏହାକୁ ୪ଲକ୍ଷ ମାଟ୍ରିକ ଟନ୍‌କୁ କମାଇ ଦିଆଯାଇଛି। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ(ଏନ୍.ଏଫ୍.ଏସ୍.ଏ)ରେ ୫କିଲୋ ମାଗଣା ଚାଉଳ ବ୍ୟତୀତ ପ୍ରତିମାସରେ ଆଉ ଅଧିକ ୫କିଲୋ ଲେଖାଏଁ ଚାଉଳ ହିତାଧିକାରୀଙ୍କୁ ଦିଆଯାଉଥିଲା। ପିଏମଜିକେଓ୍ୱାଇ ବନ୍ଦ କରିବା ଯୋଗୁଁ ପାଇବାକୁ ଥିବା ୫କିଲୋ ଚାଉଳ ଗରିବ ଲୋକେ ଆଉ ପାଇବେ ନାହିଁ ବୋଲି ଅନୁଷ୍ଠିତ ପ୍ରତିବାଦ ସଭାରେ କେନ୍ଦ୍ର ସରକାରଙ୍କ ଜନମାରଣ ନୀତି ବିରୋଧରେ ଗର୍ଜିଥିଲେ। ପରେ ବିଜେଡିର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକଙ୍କ ନେତୃତ୍ୱରେ ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଜିର ଏହି ବିକ୍ଷୋଭ ସଭାରେ ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ୍, ଜିଲ୍ଲା ପରିଷଦ ସଭ୍ୟ ମଳୟ ଜେନା, ବିଜେଡି ରାଜ୍ୟ ସଂଖ୍ୟାଲଘୁ ବ୍ୟାପାର ଉପଦେଷ୍ଟା ତାହେରା ଖାତୁନ, ଟାଉନ ବିଜେଡି ସଭାପତି ତାହେର ମହମ୍ମଦ, ପ୍ରାକ୍ତନ ପୌରାଧ୍ୟକ୍ଷ ମାନସ କୁମାର ମହାନ୍ତି, ଭଦ୍ରକ ପୌରପାଳିକା ଉପାଧ୍ୟକ୍ଷା ଅଞ୍ଜୁବାଳା ଜେନା, ଭଦ୍ରକ ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପ୍ରବୀର ଜେନା ଓ ପ୍ରଣୟ ଦାସ, କ୍ଷୀରୋଦ ରାଉତ, କାଉନସିଲର ଜୁଲଫିକର ଅଲ୍ଲି ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

## ଶ୍ୟାମଗୁଡିଆକୁ ସ୍ଥାନାନ୍ତର ହେଲା ପ୍ରସୂତି ବିଭାଗ

କେନ୍ଦ୍ରାପଡ଼ା, (ପି.ଏନ):ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପୁରୁଣା କୋଠାରେ ଥିବା ପ୍ରସୂତି ବିଭାଗକୁ ସ୍ଥାନାନ୍ତରିତ କରାଯାଇଛି। କିଛି ସମସ୍ୟା ଯୋଗୁଁ ଏହି ବିଭାଗଟି ଦୀର୍ଘଦିନ ହେଲା ପୁରୁଣା ଚିକିତ୍ସାଳୟ ରେ ଚାଲୁ ରହିଥିଲା। ଗୁରୁବାର ଅନ୍ତେବାସୀ ରୋଗୀଙ୍କୁ ସ୍ଥାନାନ୍ତରିତ କଲାପରେ ପ୍ରସୂତି ବିଭାଗର ସମସ୍ତ ଯନ୍ତ୍ରପାତି ଓ ଅନ୍ୟାନ୍ୟ ସାମଗ୍ରୀ ଗୁଡିକ ସ୍ଥାନାନ୍ତରିତ କରାଯାଇଛି। ପ୍ରସୂତି ବିଭାଗଟି ଶ୍ୟାମଗୁଡିଆ କୁ ସ୍ଥାନାନ୍ତରିତ ହେଲା ପରେ ପୁରୁଣା ଚିକିତ୍ସାଳୟ ରୁ ସମସ୍ତ ପ୍ରକାର ଚିକିତ୍ସା ସେବାକୁ ପ୍ରତ୍ୟାହାର କରି ନିଆଯାଇ ଥିବା ଜଣାପଡିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ସମସ୍ତ ରୋଗୀ ସେବା ସଂପୂର୍ଣ୍ଣ ଭାବେ ନୂତନ ଭବନରେ ପରିଚାଳିତ ହେବ ବୋଲି ଜଣାପଡିଛି।

## ଜୟପାଟଣା ବ୍ଲକରେ କୁହୁଳୁଛି ଅସନ୍ତୋଷ ର ନିଆଁ ସମିତି ବୈଠକ ବର୍ଜନ କଲେ ସରପଂଚ ଏବଂ ଜିଲ୍ଲା ପରିଷଦ ସଦସ୍ୟ

ମୁଖୀଗୁଡା, (ପି.ଏନ): ବ୍ଲକ ଅଧ୍ୟକ୍ଷଙ୍କ ଏକଛତ୍ରବାଦ ଶାସନ ରେ ଅତିଷ୍ଠ ହୋଇ ସରପଂଚମାନେ ଜୟପାଟଣା ପଂଚାୟତ ସମିତି ବୈଠକବର୍ଜନ କରିଥିବା ଜଣାପଡ଼ିଛି। ବୁଧବାର ଜୟପାଟଣା ପଂଚାୟତ ସମିତି ବୈଠକ ର କାର୍ଯ୍ୟକ୍ରମ ରହିଥିଲା। ସରପଂଚମାନଙ୍କ ଅଭିଯୋଗ ଅନୁଯାୟୀ ଗତ ୨୦୨୨ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଉଛୁଳା ଗ୍ରାମପଂଚାୟତର ସମିତି ସଭ୍ୟ ବ୍ଲକ ଅଧ୍ୟକ୍ଷ ରହିଥିବା ବେଳେ ଅଧିକାଂଶ ଯୋଜନା ସେଇ ଅଂଚଳର ପଂଚାୟତ ଗୁଡ଼ିକରେ କାର୍ଯ୍ୟକାରୀ ହେଉଛି।ଅନ୍ୟପକ୍ଷରେ ରେଜୁଲେସନ ସତ୍ୱେ ବିଭିନ୍ନ ପ୍ରକଳ୍ପକୁ ଅଣଦେଖା କରାଯାଇଛି। ବ୍ଲକ ରେ ୨୨ ଗୋଟି ଗ୍ରାମପଂଚାୟତ ରହିଛି। କିନ୍ତୁ କେତେକ ନିର୍ଦ୍ଦିଷ୍ଟ ଗ୍ରାମପଂଚାୟତ ରେ ହିଁ ଫଣ୍ଡ ବିନିଯୋଗ ହେଉଥିବା ବେଳେ ଅନ୍ୟ ପଂଚାୟତ ଗୁଡିକର ମୌଳିକ ସୁବିଧା ଗୁଡିକୁ ପ୍ରାଧାନ୍ୟ ଦିଆଯାଉ ନାହିଁ।ଉକ୍ତ ପଂଚାୟତ ଗୁଡ଼ିକ ରେ ପାନୀୟ ଜଳ ସମସ୍ୟା ସମାଧାନ ନ ହେବା,ଅଭିଯୋଗ ସତ୍ୱେ ସମନ୍ୱିତ ଶିଶୁ ବିକାଶ ଯୋଜନା ଖାଦ୍ୟ ନିମ୍ନ ମାନର ହେବା ଯୋଗୁଁ ଦୀର୍ଘ ଦିନ ଧରି ସରପଂଚମାନେ ଅସନ୍ତୋଷ ରହିଥିବା ବେଳେ ଏସବୁ ବ୍ଲକ ଅଧ୍ୟକ୍ଷଙ୍କ ଏକଛତ୍ରବାଦ ଶାସନ ବୋଲି ସରପଂଚମାନେ ଅସନ୍ତୋଷ ବ୍ୟକ୍ତ କରି ବୈଠକ ବର୍ଜନ କରିଥିଲ। ତ୍ରିସ୍ତରୀୟ ପଂଚାୟତ ବ୍ୟବସ୍ଥାରେ ତୃଣମୂଳ ରେ କିପରି ବିଭିନ୍ନ ଯୋଜନାର ସୁବିନିଯୋଗ ହେବ ତଥା ଦୁର୍ନୀତିମୁକ୍ତ ହେବ ସେ ଦିଗରେ ଅନେକ ନିୟମ ରହିଛି। କିନ୍ତୁ ବ୍ଲକ ପ୍ରଶାସନ କେବଳ ବ୍ଲକ ଅଧ୍ୟକ୍ଷଙ୍କ ରବରଷ୍ଟାମ୍ପ ସାଜିଥିବା ବେଳେ ନାମକୁ ମାତ୍ର ବୈଠକ ହୋଇ ପୂର୍ବରୁ ସବୁ ଯୋଜନା ଅଧ୍ୟକ୍ଷଙ୍କ ସ୍ୱାର୍ଥ ନିହିତ ପାଇଁ ପ୍ରସ୍ତୁତ କରାଯାଉଛି ବୋଲି ଅଭିଯୋଗ ହୋଇଛି। ଜିଲ୍ଲା ପରିଷଦ ସଦସ୍ୟମାନେ ମଧ୍ୟ ବୈଠକ ବର୍ଜନ କରିଥିଲେ। ଅନ୍ୟ ପକ୍ଷରେ ବୈଠକ ବର୍ଜନ ପାଇଁ ସମିତି ସଭ୍ୟମାନେ ମଧ ନିଷ୍ପତି ନେଇଥିଲେ ହେଲେ ସାଙ୍ଗେ ସାଙ୍ଗେ ଏହି ଖବର ଅଧ୍ୟକ୍ଷ ଙ୍କ ଗଡ଼ଫାଦେରଙ୍କ ନିକଟକୁ ପହଂଚିବା ପରେ କେତେକ ସମିତି ସଭ୍ୟଙ୍କ ପାଖକୁ ଫୋନ ଆସିଥିଲା ବୈଠକରେ ଉପସ୍ଥିତ ରହିବାକୁ ତେଣୁ ସେମାନେ ବୈଠକରେ ଉପସ୍ଥିତ ରହିଥିଲେ। ଏନେଇ ବ୍ଲକ ଅଧ୍ୟକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିନାହିଁ।

## କେନ୍ଦ୍ର ସରକାର ବିରୋଧରେ ଗର୍ଜିଲା ବିଜେଡି

କନ୍ଧମାଳ, (ପି.ଏନ): ଖଇରିପଡ଼ା ବ୍ଲକରେ ଆଜି ବିଜୁଜନତା ଦଳ ତରଫରୁ କେନ୍ଦ୍ର ସରକାରଙ୍କ ଗରୀବ ମାରଣନୀତିକୁ ବିରୋଧ କରି ଧାରଣା ଦେବାସହ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ର ସରକାର କୋଭିଡ ସମୟରେ ଗରୀବମାନଙ୍କୁ ୧୦ କିଲୋ ଲେଖାଏଁ ଚାଉଳ ପ୍ରଦାନ କରିଥିବାବେଳେ ବର୍ତ୍ତମାନ ସେଥିରୁ ୫ କିଲୋ କାଟିଦେଇ ଗରୀବମାନଙ୍କ ଭାତହାଣ୍ଡିକୁ ଲାତ ମାରିଛନ୍ତି ବୋଲି ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି। ସେହିଭଳି କେନ୍ଦ୍ର ସରକାର ଦରଦାମ ବଢ଼ାଇଥିବାବେଳେ ଗରୀବ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି। ରାଜ୍ୟରେ ସାଶନ କରୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ଓଡ଼ିଶାରେ ଚାଷୀ ଗରୀବ ମହିଳାମାନଙ୍କ ଅନେକ ଜନହିତକର ଯୋଜନା କରୁଥିବା ବେଳେ କାଳିଆ ଯୋଜନା, ବିଜୁ ସ୍ୱାସ୍ଥ୍ୟ ଯୋଜନା, ମିଶନଶକ୍ତି ମାଧ୍ୟମରେ ୭୦ ଲକ୍ଷ ମହିଳାମାନଙ୍କୁ ସ୍ୱାବଲମ୍ବୀ କରୁଥିବା ବେଳେ ରାଜ୍ୟର ହିତରେ କେନ୍ଦ୍ର ସରକାର ଓଡ଼ିଶାକୁ ବିଭିନ୍ନ କ୍ଷେତ୍ରରେ ଅବହେଳା କରୁଛନ୍ତି ବୋଲି ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି। ଆଜିର ଏହି କେନ୍ଦ୍ର ସରକାର ବିରୋଧୀ ଧାରଣାରେ ବ୍ଲକ ବିଜୁଜନତା ଦଳ ସଭାପତି ପଙ୍କଜ ମଲିକ, ପୂର୍ବତନ ଫୁଲବାଣୀ ବିଧାୟକ ଦେବେନ୍ଦ୍ର କହଁର, ବ୍ଲକ ସାଧାରଣ ସମ୍ପାଦକ ରଞ୍ଜନ କୁମାର ମଲିକ, ବ୍ଲକ ଉପାଧ୍ୟକ୍ଷ ତଥା ବ୍ଲକ ବିଜୁଜନତା ଦଳ ଯୁବ ସଭାପତି ଅମିତ କୁମାର ଦିଗାଲ, ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ମମତା ମଲିକ, ମହିଳା ସଭାନେତ୍ରୀ ଗୀତାଞ୍ଜଳି ସାହୁ, ନୀଳମାଧବ ପାତ୍ରୀ,ସମସ୍ତ ସରପଂଚ, ସିମିତ ସଭ୍ୟ, ସଭ୍ୟା ଏବଂ ବିଜୁଜନତା ଦଳର ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

## କେନ୍ଦ୍ରାପଡା ସହରର ପ୍ରବେଶ ଦ୍ୱାରରେ ଚିତ୍ରାଙ୍କିତ କଳାକୃତିର ସଫେଇ କଲେ ବିଧାୟକ

କେନ୍ଦ୍ରାପଡ଼ା,(ପି.ଏନ): ଦୁହୁରିଆସ୍ଥିତ କେନ୍ଦ୍ରାପଡା ସହରର ପ୍ରବେଶ ଦ୍ୱାରରେ ଚିତ୍ରାଙ୍କିତ କଳାକୃତିର ସଫେଇ କାର୍ଯ୍ୟରେ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ଯୋଗଦେଇ ନିଜେ ସଫେଇ କରିଥିବା ଦେଖିବାକୁ ମିଳିଛି। ବିଗତ କୋଭିଡ ମହାମାରୀ ସମୟରେ ବିଧାୟକଙ୍କ ପରାମର୍ଶ ଓ ସହାୟତାରେ ଦୁହୁରିଆସ୍ଥିତ ସହରର ପ୍ରବେଶ ଦ୍ୱାରକୁ ବିଭିନ୍ନ କଳାକୃତିରେ ଚିତ୍ରାଙ୍କିତ କରାଯାଇଥିଲା। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୯୩୪ମସିହାରେ କେନ୍ଦ୍ରାପଡା ପଦଯାତ୍ରା ଠାରୁ ଆରମ୍ଭ କରି ଭିତରକନିକା ଅଭୟାରଣ୍ୟ ଭଳି ବହୁତ ଗୁଡିଏ ଅତୀତର ଅଭୁଲା ସ୍ମୃତିର କଳାକୃତିରେ ଚିତ୍ରାଙ୍କିତ ହୋଇଥିଲା ଦୁହୁରିଆସ୍ଥିତ ସହରର ପ୍ରବେଶ ଦ୍ୱାର। କିନ୍ତୁ ସେହି କଳାକୃତି ଉପରେ ଧୂଳି ଧୂସରର ଆବରଣ ପଡିବା, ବିଭିନ୍ନ ପୋଷ୍ଟର ମରାଯିବା ସହିତ ଛୋଟ ଛୋଟ ଅନାବନା ଗଛ ତାହା ଉପରେ ଉଠି ସତେ ଯେମିତି ସେସବୁ କଳାକୃତିକୁ ଲୁଚାଇଦେବାକୁ କିମ୍ବା ବିକୃତ କରିଦେବା ଭଳି ଦେଖାଯାଉଥିଲା। ଏଭଳି ଘଟଣା ବିଧାୟକ ଶ୍ରୀ ବେହେରାଙ୍କ ଦୃଷ୍ଟି ଗୋଚର ହେବାରୁ ତାହାର ସଫେଇ ପାଇଁ ଶ୍ରୀ ବେହେରା ତୁରନ୍ତ ପଦକ୍ଷେପ ଗ୍ରହଣ କରିଥିଲେ। ସୋମବାର ସକାଳୁ ନିଜେ ବିଧାୟକ ଶ୍ରୀ ବେହେରା ସେଠାରେ ପହଞ୍ଚି ସଫେଇ କରିବା ଦେଖର ଧିରେ ଧିରେ ଅନ୍ୟମାନେ ତାଙ୍କ ସହିତ ଯୋଗଦେଇଥିଲେ। ବିଧାୟକ ଶ୍ରୀ ବେହେରା ନିଜେ କାନ୍ଥରୁ ପୋଷ୍ଟର ଚିରିବା ସହ କାନ୍ଥକୁ ବ୍ରସରେ ଘସି ସଫା କରିବା ଘଟଣା ସେହିରାସ୍ତା ଦେଇ ଯାଉଥିବା ଲୋକମାନଙ୍କୁ ଏକ ଭିନ୍ନ ପ୍ରକାର ବାର୍ତ୍ତା ପ୍ରଦାନ କରିଥିଲା। ଏହି ସଫେଇ କାର୍ଯ୍ୟରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ସହିତ ସମସ୍ତ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନେ ସାମିଲ ହୋଇ ସଫେଇ କରିଥିଲେ। ଏହି ସଫେଇ କାର୍ଯ୍ୟ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ବିଧାୟକଙ୍କର ଏହି ସଫେଇ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଯୁବନେତା ସଂଗମ କେଶରୀ ସାମଲ, ବାରୋ ପଞ୍ଚାୟତ ସରପଞ୍ଚ ଗୋପିନାଥ ମଲିକ, ସନାତନ ମୁଦୁଲି, ଆଲୋକ ସାହୁ, ଲୋହିତ ମହାନ୍ତି, ଅନିଲ ପତି, ଜମଧର ସମିତି ସଭ୍ୟ ଦେବାଶିଷ ଦାସ, ସରପଞ୍ଚ ରାଜକିଶୋର ଖୁଣ୍ଟିଆ, କାଉନସିଲର ପ୍ରଭାଶିଷ ପଣ୍ଡା, ଦାମୋଦର ଜେନା ପ୍ରମୁଖ ବିଜେଡି କର୍ମୀମାନଙ୍କ ସହିତ ଦୁହୁରିଆ ବଜାର କମିଟିର ସଦସ୍ୟମାନେ ଯୋଗଦେଇ ସଫେଇ କରି ଅନାବନା ଗଛକୁ କାଟି ପାଣିରେ ଧୂଳିର ଆସ୍ତରଣକୁ ଧୋଇ ସଫା କରିଥିଲେ। ସହରକୁ ପରିଷ୍କାର ପରିଚ୍ଛନ କରି ଏକ ସୁସ୍ଥ ସମାଜ ଗଠନ କରିବା ଏବଂ ସ୍ୱଚ୍ଛ ଭାରତ ଅଭିଯାନକୁ ସଫଳ କରିବାକୁ ଏହି ଅବସରରେ ବିଧାୟକ ଶ୍ରୀ ବେହେରା କର୍ମି ଓ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ସଫେଇ ପରେ ସହରର ପ୍ରବେଶ ଦ୍ୱାର ପୁନର୍ବାର ଚକମକ ହୋଇ ଉଠିଥିବା ଦେଖାଯାଇଛି।

## ଟିଟିଲାଗଡ଼ଠାରେ ଜିଲ୍ଲାସ୍ତରୀୟ ମିଶନ ଶକ୍ତି ଋଣ ମେଳା ଅନୁଷ୍ଠିତ

ବଲାଙ୍ଗୀର,(ପି.ଏନ):ଟିଟିଲାଗଡ ବାଳକ ଉଚ୍ଚ ବିଦ୍ୟାଳୟ ପଡ଼ିଆ ଠାରେ ଜିଲ୍ଲାସ୍ତରୀୟ ମିଶନ ଶକ୍ତି ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାସ୍ତରୀୟ ମିଶନ ଶକ୍ତି ଋଣ ମେଳା ଅବସରରେ ଅନୁଷ୍ଠିତ ଉତ୍ସବରେ ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ, ଜିଲ୍ଲା ପରିଷଦ ଉପାଧକ୍ଷା ମିଥିଳା ମାଝୀ, ଜିଲ୍ଲାପାଳ ଚଂଚଳ ରାଣା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ, ଟିଟିଲାଗଡ଼ ଉପ ଜିଲ୍ଲାପାଳ ଦୟାମୟ ପାଢ଼ୀ, ଉତ୍କଳ ଗ୍ରାମୀଣ ବ୍ୟାଙ୍କର ଆଂଚଳିକ ପରିଚାଳକ କୈଳାଶ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯକ୍ରମରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ, ମିଶନ ଶକ୍ତି କମିଶନର ତଥା ଶାସନ ସଚିବ ଶ୍ରୀମତୀ ସୁଜାତା କାର୍ତିକେୟନ ଭିଡିଓ କନଫରନ୍ସିଂ ମାଧ୍ୟମରେ ଉତ୍ସବରେ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲାସ୍ତରୀୟ ମିଶନ ଶକ୍ତି ଋଣ ମେଳା ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀର ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କ ଉଦ୍ଦେଶ୍ୟରେ ଭିଡିଓ ବାର୍ତା ଦେଇଥିଲେ। ଉତ୍ସବରେ ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ ତଥା ଆତ୍ମ ନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ଜିଲ୍ଲାରେ ମିଶନ ଶକ୍ତି ଜରିଆରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ବହୁବିଧ ପଦକ୍ଷେପ ମାନ ଗ୍ରହଣ କରାଯାଉଛି ବୋଲି ପ୍ରକାଶ କରିବା ସହ ଜିଲ୍ଲାର ସମସ୍ତ ବ୍ଲକ ରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ମିଶନଶକ୍ତି ଭବନ ଏବଂ ଜିଲ୍ଲା ସ୍ତରରେ ଏକ ମିଶନଶକ୍ତି ଭବନ ନିର୍ମାଣ ସକାଶେ ୧ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ଜିଲ୍ଲାର ପ୍ରତ୍ୟେକ ଗ୍ରାମ ପଂଚାୟତରେ ଗୋଟିଏ ଲେଖାଏଁ ମିଶନ ଶକ୍ତି ଗୃହ ନିର୍ମାଣର ବ୍ୟବସ୍ଥା କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀମାନେ ସେମାନଙ୍କର ଉତ୍ପାଦିତ ସାମଗ୍ରୀକୁ ଯେପରି ସୁଚାରୁ ରୂପେ ବିକ୍ରି କରିପାରିବେ ସେଥିନିମନ୍ତେ ଟିଟିଲାଗଡ଼ ଠାରେ ଏକ ମିଶନ ଶକ୍ତି ବଜାରର ପ୍ରତିଷ୍ଠା କରାଯାଉଛି ବୋଲି ପ୍ରକାଶ କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀରୁ ଉଦ୍ୟୋଗୀ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ପ୍ରକାଶ କରିଥିଲେ। ଟିଟିଲାଗଡ଼ର ବିକାଶ ଦିଗରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯକ୍ରମ ସମ୍ପର୍କରେ ସୂଚନା ଦେବାସହ ବଲାଙ୍ଗୀର ଜିଲ୍ଲାର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଜିଲ୍ଲାକୁ ଏକ ଅଗ୍ରଣୀ ଜିଲ୍ଲା ଭାବେ ପରିଣତ କରିବା ଦିଗରେ ଉଦ୍ୟମ କରିବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯକ୍ରମରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ ଭିଡିଓ କନଫରନ୍ସିଂ ମାଧ୍ୟମରେ ଉଦ୍‌ବୋଧନ ଦେଇ ଓଡିଶା ର ମହିଳା ମାନେ ମିଶନ ଶକ୍ତି ଜରିଆରେ ଉଲ୍ଲଖନୀୟ କାର୍ଯ୍ୟ କରିବା ସହ ସେମାନେ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ଯାହାକି ଏକ ଦୃଷ୍ଟାନ୍ତ ବୋଲି ସେ ମତବ୍ୟକ୍ତ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ବିଭିନ୍ନ ବିଭାଗରେ ସକ୍ରିୟ ଅଂଶ ଗ୍ରହଣ କରୁଛନ୍ତି ଓ ସେମାନଙ୍କର ଉତ୍ପାଦିତ ସାମଗ୍ରୀ ର ବିକ୍ରି ନିମନ୍ତେ ମିଶନ ଶକ୍ତି ବଜାର ର ବ୍ୟବସ୍ଥା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ପ୍ରକାଶ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ମାନେ ଯେପରି ସଫଳ ଉଦ୍ୟୋଗୀ ହୋଇପାରିବେ ଏବଂ ସ୍ୱାବଲମ୍ବୀ ହୋଇପାରିବେ ସେଥିପ୍ରତି ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି ବୋଲି ପ୍ରକାଶ କରିଥିଲେ। ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ମାତୃଶକ୍ତି ଜାଗ୍ରତ ହେଲେ ଅଂଚଳ, ଜିଲ୍ଲା, ରାଜ୍ୟ ତଥା ଦେଶ ର ବିକାଶ ହୋଇପାରିବ ଏବଂ ମିଶନ ଶକ୍ତି ଜରିଆରେ ମହିଳା ସଶକ୍ତିକରଣ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ମିଶନ ଶକ୍ତି କମିଶନର ତଥା ଶାସନ ସଚିବ ଶ୍ରୀମତୀ ସୁଜାତା କାର୍ତିକେୟନ ଭିଡିଓ କନଫରନ୍ସିଂ ମାଧ୍ୟମରେ ଉଦବୋଧନ ଦେଇ ସ୍ୱୟଂ ସହାୟକ ଗୋଷ୍ଠୀ କୁ ବ୍ୟାଙ୍କ ସହ ସଂଯୋଗୀକରଣ କାର୍ଯ୍ୟରେ ବଲାଙ୍ଗିର ଜିଲ୍ଲା ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳାମାନେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ମଧ ସ୍ୱାବଲମ୍ବୀ କରିବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ରୁ ଉଦ୍ୟୋଗୀ ସମ୍ପର୍କରେ ଆଲୋକପାତ କରି ଉଦ୍ୟୋଗୀ ହେବା ନିମନ୍ତେ ତାଲିମ ଓ ଭିତିଭୂମି ସମ୍ପର୍କରେ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ପରିଷଦ ଅଧକ୍ଷ୍ୟା ଦେବକୀ ସାହୁ, ଜିଲ୍ଲା ପରିଷଦ ଉପାଧକ୍ଷ୍ୟା ମିଥିଳା ମାଝୀ ମିଶନ ଶକ୍ତି ମାଧ୍ୟମରେ ମହିଳା ମାନଙ୍କୁ ସ୍ୱାବଲମ୍ବୀ ତଥା ଆତ୍ମନିର୍ଭରଶୀଳ କରିବା ଲକ୍ଷ ରେ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରଥିଲେ। ସଭା ପ୍ରାରମ୍ଭରେ ଜିଲ୍ଲାପାଳ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିବା ସହ ବଲାଙ୍ଗିର ଜିଲ୍ଲାରେ ମିଶନ ଶକ୍ତି ଜରିଆରେ ୨୪ ,୦୪୫ ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ସଦସ୍ୟା ମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସହାୟତା ପ୍ରଦାନ କରାଯାଉଛି।

## ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନଓ୍ୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନଓ୍ୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନଓ୍ୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦ୍ଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ,ଖରିଆର ଡିଭିଜନର ଏକ ଜରୁରୀ କାଳୀନ ବୈଠକ

ନୂଆପଡ଼ା,(ପି.ଏନ): ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ,ଖରିଆର ଡିଭିଜନ ଶାଖା ତରଫରୁ,ଡିଭିଜନ ସମ୍ପାଦକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ସଂଘର ଡିଭିଜନ କମିଟୀ ର ଏକ ବୈଠକ ଖଡ଼ିଆଳ ରେଞ୍ଜ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି।ସଂଘ ର ସାଙ୍ଗଠନିକ କାର୍ଯ୍ୟକଳାପ ସହିତ ଆଗାମୀ ଦିନର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା।ଆସନ୍ତା ୨୦/୦୨/୨୦୨୩ ଦିନ ରାଜ୍ୟ ସଙ୍ଘ ସହିତ ପି ସି ସି ଏଫ ଙ୍କ ଆଲୋଚନା ପାଇଁ ଦିନ ଧାର୍ଯ୍ୟ ହୋଇଥିବାରୁ ଉକ୍ତ ବୈଠକରେ ଖରିଆର ଡିଭିଜନ ସମ୍ପାଦକ ପାଣିଗ୍ରାହୀ ସାମିଲ ହେବାକୁ ଥିବାରୁ,କେନ୍ଦୁପତ୍ର ତୋଳାଳୀ ଓ ସିଜିନାଲ ଷ୍ଟାଫ ଙ୍କ ବିଭିନ୍ନ ସମସ୍ୟା ଓ ଦାବି ଉପସ୍ଥାପନ ପାଇଁଚର୍ଚ୍ଚାଆଲୋଚନାହୋଇଥିଲା। ଏହାପରେ ଖଡ଼ିଆଳ ଡି ଏଫ ଓ ପ୍ରତାପ ବେହେରା ଙ୍କ ସହିତ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଡିଭିଜନ କମିଟିର ବିଭିନ୍ନ ସମସ୍ୟା ଓ ଦାବି ଗୁଡିକ ଯଥା ନୂତନ ତୋଳାଳୀ ଙ୍କୁ ଯଥେଷ୍ଟ କାର୍ଡ ପ୍ରଦାନ,ଶତ ପ୍ରତିଶତ ବୋନସ ପ୍ରଦାନ, ପତ୍ରର ଦର ବୃଦ୍ଧି, ଝିଅ ବିହାଘର ସହାୟତା,ଚିକିତ୍ସା ସହାୟତା, ଛାତ୍ର ବୃତ୍ତି, ସିଜିନାଲ ଷ୍ଟାଫ ଙ୍କ ଗସ୍ତ ଖର୍ଚ୍ଚ ବିଲ,ବନ୍ଧେଇ କୁଲି ଙ୍କ ମଜୁରୀ ବୃଦ୍ଧି, ଓ୍ୱାଚର ମାନଙ୍କ ସ୍ଥାୟୀ ନିଯୁକ୍ତି ,ସିଜିନାଲ ଷ୍ଟାଫଙ୍କ ଦରମା ବୃଦ୍ଧି,୬୨ ବର୍ଷ ପରିବର୍ତ୍ତେ ୬୫ ବର୍ଷରେ ସିଜିନାଲ ଷ୍ଟାଫ ଙ୍କ ଅବସର ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବ୍ୟାପକ ଆଲୋଚନା ହୋଇଥିଲା।ଯଥାର୍ଥ ଦାବି ଓ ସମସ୍ୟା ଗୁଡିକ ତୁରନ୍ତ ସମାଧାନ ନ ହେଲେ ଜୋରଦାର ଆନ୍ଦୋଳନ ହେବ ବୋଲି ଚେତେଇ ଦିଆଯାଇଥିଲା।ଏହି କାର୍ଯ୍ୟକ୍ରମ ରେ ଅବଦୁଲ ରସିଦ,ଶ୍ରୀ ରୁଦ୍ର ନାଗ,ନଟ ନାଗ,କ୍ଷେତ୍ର ପୁଟେଲ,ମଙ୍ଗଳ ସାଏ ବର୍ଗତ୍ତି,ଦମନ ନାଏକ,ଯମୁନା ଧରୁଆ, ଭାସ୍କର ପ୍ରଧାନ ,କନହେଇ ଧରୁଆ,ଗୌତମ ବରିହା,ସନ୍ତୋଷ ସାହୁ,ବାବୁଲାଲ ପଟେଲ,ଈଶ୍ୱର ଶବର,ଦୋରେଶ୍ୱର ପଟେଲ,ପ୍ରମୁଖ ସାମିଲ ହୋଇଥିଲେ।

## ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯନ୍ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଠକ୍ଷଣ୍ସ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯନ୍ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସଓ୍ୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।




## ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କୁ ବେଆଇନ ଛଟେଇ ପ୍ରତିବାଦରେ ଶ୍ରମ ଅଧିକାରୀଙ୍କୁ ଦାବିପତ୍ର



ବ୍ରହ୍ମପୁର (ପିଏନ୍) : ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇ ସମ୍ପୃକ୍ତ ଠିକାଦାରମାନେ ବିନା କାରଣରେ ଛଟେଇ କରିବା ଏବଂ ଦରମା ବନ୍ଦ କରିବା, ପ୍ରତି ମାସର ନିର୍ଦ୍ଦିଷ୍ଟ ତାରିଖରେ ଇପିଏଫ, ଇଏସଆଇ କଟାନଯିବା ପ୍ରଭୃତି ସମସ୍ୟା ସମ୍ପର୍କରେ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ବ୍ରହ୍ମପୁରଠାରେ ଥିବା ଯୁଗ୍ମ ଶ୍ରମ କମିଶନରଙ୍କ ଅନୁପସ୍ଥିତିରେ ଶ୍ରମ ଅଧିକାରୀ ବାବୁ ଚରଣ ପାତ୍ର ଓ ଛତ୍ରପୁରସ୍ଥିତ ଜିଲା ଶ୍ରମ ଅଧିକାରୀ ନଗେନ୍ଦ୍ର କୁମାର ଗାଇପାଇଙ୍କ ସହ ସାକ୍ଷାତ ଆଲୋଚନା କରି ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଥାଉ କି, ଗତ ଜୁଲାଇ ମାସରୁ ଛତ୍ରପୁର ସବଡିଭିଜନ ହସ୍ପିଟାଲରେ କାର୍ଯ୍ୟରତ ଦୁଇ ଆଉଟସୋର୍ସିଂ କର୍ମଚାରୀ ସୁଜିତ କୁମାର ନାୟକ ଓ ପ୍ରେମ୍ ବେହେରାଙ୍କ ବେଆଇନ ଓ ବିନା ନୋଟିସରେ ଛଟେଇ କରାଯିବା ସମ୍ପର୍କରେ ଶ୍ରମ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଏ ଦିଗରେ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ହିନ୍ଦ୍ ମଜଦୁର ସଭା ଓଡ଼ିଶା ଶାଖାର ଉପସଭାପତି ତଥା ମେଡିକାଲ କର୍ମଚାରୀ ସଂଘର ଉପଦେଷ୍ଟା ରବି ରଥ, ସମାଜସେବୀ ତଥା ଆଡ଼ଭୋକେଟ କେ. ଚନ୍ଦ୍ରଶେଖର ରେଡ୍ଡି, ରାଜ୍ୟ ମେଡିକାଲ କର୍ମଚାରୀ ସଂଘର ଯୁଗ୍ମ ସମ୍ପାଦକ ରବିନ୍ଦ୍ର ନାୟକ, ଜିଲା ମେଡିକାଲ କର୍ମଚାରୀ ସଂଘର ସାଧାରଣ ସମ୍ପାଦିକା ରେଣୁପ୍ରିୟା ପାଢ଼ୀ, ପିଙ୍କି ନାୟକଙ୍କ ସମେତ ବହୁ କର୍ମଚାରୀ ଆଲୋଚନାରେ ଉପସ୍ଥିତ ଥିଲେ । ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ କର୍ମଚାରୀ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସାଧାରଣ ସମ୍ପାଦିକା ପାଢ଼ୀ ଚେତାବନୀ ଦେଇଛନ୍ତି।

## ବିଶାଳ ଶୋଭାଯାତ୍ରାରେ ଅହିଂସା ରଥକୁ ସ୍ୱାଗତ

ବାଲେଶ୍ୱର (ପିଏନ୍)-ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଅଗଷ୍ଟ ୧୫ ତାରିଖ ଦିନ ଭୁବନେଶ୍ୱରରୁ ବାହାରିଥିବା ଅହିଂସା ରଥ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ ପରିକ୍ରମା କରିଛି। ଏହି ରଥ ଖଇରା, ଓଉପଦା, ଭୋଗରାଇ ବ୍ଲକ ପରେ ସଦର ବ୍ଲକରେ ପହଂଚିଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲେଶ୍ୱର ରେଳଷ୍ଟେସନରୁ ରଥକୁ ସ୍ୱାଗତ କରାଯିବା ସହ ଏକ ବିଶାଳ ଶୋଭାଯାତ୍ରାରେ ଜିଲ୍ଲାସ୍କୁଲ ପର୍ଯ୍ୟନ୍ତ ନିଆଯାଇଥିଲା। ଏହି ସ୍ୱାଗତ ଉତ୍ସବରେ ଶତାଧିକ ବୁଦ୍ଧିଜିବୀ, ମହିଳା ତଥା ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁଙ୍କ ଅଧକ୍ଷତାରେ ଜିଲ୍ଲାସ୍କୁଲରେ ଅନୁଷ୍ଠିତ ସଭାରେ ସଦର ବିଧାୟକ ସ୍ୱରୂପ ଦାସ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ, ପୌରାଧକ୍ଷା ସବିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦର ବିଡ଼ିଓ ନରେନ୍ଦ୍ର ଖମାରୀ, ଜିଲ୍ଲାସ୍କୁଲର ଶିକ୍ଷକ ଓ ପ୍ରଶାସନିକ ଅଧିକାରୀମାନେ ଯୋଗଦାନ କରିଥିଲେ।

## ସୂଚନା ଅଧିକାର କର୍ମୀଙ୍କ ନାମରେ ମିଥ୍ୟା ମାମଲା କ୍ଷେତ୍ରରେ ଆଇନ ସହାୟତା ପ୍ରାଧିକରଣ ଆଗେଇ ଆସୁ

ଭୁବନେଶ୍ୱର (ପିଏନ୍): ରାଜ୍ୟରେ ସୂଚନା ଅଧିକାର କର୍ମୀମାନଙ୍କ ଉପରେ ଲଗାତର ଆକ୍ରମଣ ଓ ସେମାନଙ୍କୁ ମିଥ୍ୟା ମାମଲାରେ ଜେଲ ପଠାଇବା ଘଟଣାକୁ ନେଇ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ମଦନ ବି. ଲୋକୁର ଚିନ୍ତା ବ୍ୟକ୍ତ କରିଛନ୍ତି। ମିଥ୍ୟା ମାମଲାରେ ଜେଲ ଭୋଗୁଥିବା ଏହି କର୍ମୀମାନଙ୍କୁ ଆଇନଗତ ସହାୟତା ଦେବାଲାଗି ରାଜ୍ୟ ଆଇନ ସେବା ପ୍ରାଧିକରଣ ଆଗେଇ ଆସିବା ପାଇଁ ଜଷ୍ଟିସ ଲୋକୁର ପରାମର୍ଶ ଦେଇଛନ୍ତି। ଭୁବନେଶ୍ୱରଠାରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଜନଶୁଣାଣି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଷ୍ଟିସ୍ ଲୋକୁର ଏହି ପ୍ରସଙ୍ଗ ଉଠାଇଥିଲେ। ଜନଶୁଣାଣିରେ ସୂଚନା ଅଧିକାର କର୍ମୀଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ, ହତ୍ୟା ଓ ସେମାନଙ୍କ ସୁରକ୍ଷା ଉପରେ ଆଠଜଣିଆ ବିଚାରକ ମଣ୍ଡଳି ବିଭିନ୍ନ ଅଭିଯୋଗ ଶୁଣିଥିଲେ। କଟକର ସୂଚନା ଅଧିକାର କର୍ମୀ ଶ୍ରୀକାନ୍ତ ପାକଳ, ଜିତେନ୍ଦ୍ର ସାହୁ, ଯାଜପୁରର ସର୍ବେଶ୍ୱର ବେହୁରା, ପୁରୀର ସନ୍ତୋଷ ମହାନ୍ତି, ମୟୂରଭଞ୍ଜର ମହେଶ୍ୱର ମହାନ୍ତି, କେନ୍ଦ୍ରାପଡ଼ାର ମନୋରଞ୍ଜନ ଜେନା, ଦିନକର ଜେନା, ଗଞ୍ଜାମର ସୀମାଞ୍ଚଳ ଜେନା ପ୍ରମୁଖ ସେମାନଙ୍କ ଉପରେ ହୋଇଥିବା ଆକ୍ରମଣ ଓ ମିଥ୍ୟା ମାମଲା ସମ୍ପର୍କରେ ଜୁରି କମିଟି ସମ୍ମୁଖରେ ସବିଶେଷ ତଥ୍ୟ ରଖିଥିଲେ। ସେହିଭଳି କେନ୍ଦ୍ରାପଡ଼ା ଜିଲ୍ଲାର ସୂଚନା ଅଧିକାର କର୍ମୀଙ୍କୁ ହତ୍ୟା କରାଯିବା ଘଟଣା ସମ୍ପର୍କରେ ଅବଗତ କରାଯାଇଥିଲା। କନ୍ଧମାଳରେ ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡାଙ୍କୁ ଯେଉଁଭଳି ଭାବେ ନିର୍ମମ ହତ୍ୟା ତାଙ୍କ ଘର ସମ୍ମୁଖରେ କରାଯାଇଥିଲା ସେ ସମ୍ବନ୍ଧରେ ତାଙ୍କ ପୁଅ ଜୁରି କମିଟି ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏହି ଅଭିଯୋଗଗୁଡ଼ିକ ଶୁଣାଣି ପରେ ଜୁରି କମିଟି ସଦସ୍ୟମାନେ ସେମାନଙ୍କର ମତାମତ ରଖିଥିଲେ। ଜଷ୍ଟିସ୍ ଲୋକୁର କହିଥିଲେ, ଏଭଳି ପରିସ୍ଥିତିରେ ଦୋଷୀ ପୋଲିସ୍ ଅଧିକାରୀଙ୍କୁ ଉତ୍ତରଦାୟୀ କରିବା ପାଇଁ ବ୍ୟବସ୍ଥା ରହିବା ଆବଶ୍ୟକ। ମାନବାଧିକାର କମିଶନ୍, ଲୋକାୟୁକ୍ତ ଓ ପୋଲିସ୍‌କୁ ଅଭିଯୋଗ ବ୍ୟବସ୍ଥା ଆଦି ସଠିକ୍ ଭାବେ କାର୍ଯ୍ୟକଲେ ଏସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ମତ ରଖିଥିଲେ। ସାରା ଦେଶରେ ସୂଚନା ଅଧିକାର କର୍ମୀଙ୍କ ଉପରେ ଆକ୍ରମଣ ଓ ନିର୍ଯ୍ୟାତନା ପ୍ରସଙ୍ଗ ସାମନାକୁ ଆସୁଥିବାରୁ ଜନ ଆନ୍ଦୋଳନର ଆବଶ୍ୟକତା ଅଛି ବୋଲି ବିଶିଷ୍ଟ ସାମାଜିକ କର୍ମୀ ଅରୁଣା ରାୟ ପ୍ରସ୍ତାବ ରଖିଥିଲେ। ଜନ ସୂଚନା ପୋର୍ଟାଲକୁ କାର୍ଯ୍ୟକାରି କରିବା, ଯେଉଁ ଘଟଣା ପାଇଁ ଆକ୍ରମଣ ହେଉଛି, ସେହି ଘଟଣାର ତଦନ୍ତ କରିବା, ଦଳିତ ଓ ମହିଳା ସଂଗଠନକୁ ସାମିଲ କରିବା, ହୁଇସିଲ୍ ବ୍ଲୋୟର ପ୍ରୋଟେକ୍ସନ୍ ଆଇନ ଲାଗୁ କରିବା ଆଦି ପ୍ରସ୍ତାବ ଉପରେ ସହମତି ପ୍ରକାଶ ପାଇଥିଲା। ଏହି ଜନଶୁଣାଣିରେ ଜୁରି କମିଟି ସଦସ୍ୟ ଭାବେ ଅନ୍ୟମାନଙ୍କ ମଧ୍ୟରେ ଘଡଚଜଓ ର ଆବାହକ ଅଞ୍ଜଳି ଭରଦ୍ୱାଜ, ସହ-ଆବାହକ ନିଖିଳ ଦେ, ବରିଷ୍ଠ ସାମ୍ବାଦିକ ରବି ଦାସ, ପୂର୍ବତନ ଆଇ.ଏ.ଏସ୍. ଅରବିନ୍ଦ ବେହେରା, ଦଳିତ ସାମାଜିକ କର୍ମୀ ଅଶୋକ ମଲ୍ଲିକ ଓ ମାନବାଧିକାର କର୍ମୀ ନରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୨୫୦ରୁ ଅଧିକ ସୂଚନା ଅଧିକାର କର୍ମୀ, ସାମାଜିକ କର୍ମୀ, ମାନବାଧକାର କର୍ମୀ, ଆଇନଜୀବୀ, ମହିଳା କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଶେଷରେ NCPRI ର ଅମ୍ରିତା ଜୋହରୀ ଧନ୍ୟବାଦ ଦେଇଥିଲେ।

## ସରକାରଙ୍କୁ ଧନ୍ୟବାଦ ଦେଲା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ

ଭୁବନେଶ୍ୱର (ପିଏନ୍): ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଓ କୁମାର କବି ଫାଉଣ୍ଡେସନ୍‌ର ଦୀର୍ଘ ବର୍ଷର ଦାବି ଥିଲା ଯେ, କବି ବ୍ରଜନାଥ ବଡ଼ଜେନା, କୁମାର କବି ଅରକ୍ଷିତ ପ୍ରଧାନ, ରାଜକବି ଗୋବିନ୍ଦ ଭଞ୍ଜ ଜୟନ୍ତୀ ସହିତ ସନ୍ଥ କବି ଭୀମ ଭୋଇ ଶ୍ରାଦ୍ଧ ଉତ୍ସବ ଏହିପରି ମୋଟ ୨୧ ଜଣ ମହାପୁରୁଷଙ୍କ ଆବିର୍ଭାବ ଓ ତିରୋଧାନ ଦିବସ ସରକାରଙ୍କ ସଂସ୍କୃତି ବିଭାଗ, ସାହିତ୍ୟ ଏକାଡେମୀ ପକ୍ଷରୁ ପାଳନ କରାଯିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଅଭିଯାନର ଅଧକ୍ଷ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ଖୋର୍ଦ୍ଧା ଜିଲ୍ଲା ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଭାପତି କବି ସୁନୀଲ ମିଶ୍ରଙ୍କ ସହିତ ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଅଧକ୍ଷ ଶ୍ରୀଯୁକ୍ତ ଶତପଥୀ କହିଛନ୍ତି ଯେ, ପୂଜ୍ୟପୂଜା ହେଉଛି ଉତ୍କଳର ପାତାଳଭେଦୀ ସଂସ୍କୃତି। ପୂଜ୍ୟମାନଙ୍କୁ ଯଥାସମ୍ଭବ ସବୁସ୍ତରରୁ ସମ୍ମାନ ହେବା ଆବଶ୍ୟକ। ୨୦୨୨-୨୩ ବର୍ଷରୁ ସରକାର ଏ ବାବଦରେ, ୫,୨୫,୦୦୦/- (ପାଞ୍ଚ ଲକ୍ଷ ପଚିଶି ହଜାର) ଅର୍ଥ ବରାଦ କରିଛନ୍ତି। ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ଚିଠି ମାଧ୍ୟମରେ ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗକୁ ଜଣାଇଛନ୍ତି ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ କହିଛନ୍ତି।

## କଂଜୁମର୍ସ ରାଇଟ୍ସ ତରଫରୁ ସଚେତନତା କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)-ବାଲେଶ୍ୱରର ବଇଁଚା ପଞ୍ଚାୟତ କାର୍ଯ୍ୟାଳୟଠାରେ କଂଜୁମର୍ସ ରାଇଟ୍ସ ସଂସ୍ଥା ତରଫରୁ ଏକ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସ୍ଥାର ଉପସଭାପତି ଶ୍ରୀ ଜିତେନ୍ଦ୍ର ସିଂ ସମସ୍ତ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜଣାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଶ୍ରୀ ସୋମନାଥ ପଟ୍ଟନାୟକ ଖାଉଟି ସୁରକ୍ଷା ଏବଂ ଏହାର ସମାଧାନର ବିଶେଷ ବିବରଣୀ ପ୍ରଦାନ କଲେ। ଖାଉଟି କଲ୍ୟାଣ ବିଭାଗର ରାଜ୍ୟ ଉପଭୋକ୍ତା ସଚେତନତା ପ୍ରତିଷ୍ଠାନରୁ ଶ୍ରୀ ଅନିରୁଦ୍ଧ ପରିଡ଼ା ଟ୍ରେନିଂ ରିସର୍ଚ୍ଚ ଅଫିସର ମୁଖ୍ୟ ପ୍ରବକ୍ତା ଭବେ ଖାଉଟି ସଚେତନତାର ବିଭିନ୍ନ ବିଷୟ ବସ୍ତୁ ଉପରେ ବିବରଣୀ ପ୍ରଦାନ କରିଥିଲେ। ଯଥା: ଖାଉଟିର ଅଧିକାର ଓ କର୍ତ୍ତବ୍ୟ, ଇ-କମର୍ସର ଠକେଇ ଓ ସମାଧାନର ବାଟ ଦର୍ଶାଇଥିଲେ ଏବଂ ହଲ ମାର୍କିଂ ଓ ଖାଦ୍ୟର ଶୁଦ୍ଧତା ଉପରେ ସମସ୍ତଙ୍କୁ ସଚେତନ କରାଇଥିଲେ। ଏଥିସହିତ କଂଜୁମର୍ସ ରାଇଟ୍ସ ସଂସ୍ଥାର ରାଜ୍ୟ ସଚିବ ଶ୍ରୀ ଉଦୟ ଖୁଣ୍ଟିଆ ସମସ୍ତଙ୍କୁ ଓଜନ ମାପ ଏବଂ ଖାଉଟି କିପରି ଠକାମୀରୁ ନିବୃତ ରହିପାରିବେ, ସେ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଥିଲେ। ଏଥିସହିତ ଜିଲ୍ଲା ସଭାପତି ଶ୍ରୀ ଶରତ ଶିବାଶିଷ ଦାସ ସମସ୍ତଙ୍କୁ ଉପଭୋକ୍ତା ସଚେତନତାର ଲିଫ୍‌ଲେଟ ପ୍ରଦାନ କରି ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଦୁଲିପଡ଼ାରେ ବିଏସ ଏଫ ଦ୍ୱାରା ସିଭିକ୍ ଆକ୍ସନ୍ ପ୍ରୋଗ୍ରାମ

ମାଲକାନଗିରି,(ପି.ଏନ): କୋରାପୁଟ ବିଏସ୍‌ଏଫ୍ ଡିଆଇଜି ମଦନ ଲାଲ,ଟି ଟି ନରସିଂହ ରେଡ୍ଡୀ, କମାଣ୍ଡାଣ୍ଟ ୬୫ ବିଏନ୍ ବିଏସ୍‌ଏଫ୍ ମିଳିତ ଭାବେ ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକର ମୁଦୁଲିପଡା ଠାରେ ପ୍ରତିଷ୍ଠା ହୋଇଥିବା ବିଏସ ଏଫ କ୍ୟାମ୍ପ ପରିଦର୍ଶନ କରିଥିଲେ। ପରିଦର୍ଶନ ବେଳେ ସୁରକ୍ଷା ଦୃଷ୍ଟିକୋଣ ଏବଂ ୟୁନିଟ୍ ର କାର୍ଯ୍ୟକ୍ଷମ ପ୍ରସ୍ତୁତି ବିଷୟରେ କମାଣ୍ଡାଣ୍ଟ ସୂଚନା ଦେଇଥିଲେ ।ଡେପୁଟି ଇନିସ ପେକ୍ଟର ଜେନେରାଲଙ୍କ ଉପସ୍ଥିତିରେ ମୁଦୁଲିପଡା ବିଏସ୍‌ଏଫ୍ କ୍ୟାମ୍ପରେ ୬୫ ବିଏନ୍ ବିଏସ୍‌ଏଫ୍ ଦ୍ୱାରା ଏକ ସିଭିକ୍ ଆକ୍ସନ ପ୍ରୋଗ୍ରାମ, ସ୍ୱାସ୍ଥ୍ୟ ଶିବିର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସିଭିକ୍ ଆକ୍ସନ୍ ପ୍ରୋଗ୍ରାମ ସମୟରେ ମୁଦୁଲିପଡା, ସିଲାଇଗଡା, ଗୋଖରପଡା, ସମ୍ବଲପୁରର ଗ୍ରାମବାସୀଙ୍କୁ ପୋଷାକ ସାମଗ୍ରୀ, କ୍ଷେତ୍ସନାରୀ, ଖେଳିବା ଉପକରଣ ବଣ୍ଟନ କରାଯାଇଥିଲା। ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ଯାଂଚ ପାଇଁ ଏକ ଡାକ୍ତରୀ ଶିବିର ଆୟୋଜନ କରାଯାଇଥିଲା ଯେଉଁଥିରେ ପ୍ରାୟ ୩୫୦ ଜଣ ଗ୍ରାମବାସୀ ଏବଂ ଛାତ୍ର ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା । ସମାଜର ମୁଖ୍ୟ ସ୍ରୋତରେ ଯୋଡିହେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଏସ୍‌ଏଫ୍ ଡିଆଇଜି ଶ୍ରୀ ଲାଲ କହଥିଲେ ମାଓବାଦୀ ଙ୍କ ବିରୁଦ୍ଧରେ ବିଏସ୍‌ଏଫ୍ ଆକ୍ରମଣକୁ ତୀବ୍ର କରାଯିବ ଏବଂ ସାମାଜିକ ବିରୋଧୀ କାର୍ଯ୍ୟକଳାପ ଯାଂଚ କରିବା ପାଇଁ ଏକକାଳୀନ କାର୍ଯ୍ୟକ୍ଷମ କାର୍ଯ୍ୟକଳାପ ହେବ। ବିଏସ୍‌ଏଫ୍ କଲ୍ୟାଣମୂଳକ କାର୍ଯ୍ୟକଳାପ ଯେପରିକି ଜନସମ୍ପର୍କ କାର୍ଯ୍ୟକ୍ରମ, ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ, ଡାକ୍ତରୀ ଶିବିର ଏବଂ କ୍ରୀଡା କାର୍ଯ୍ୟକଳାପ ଇତ୍ୟାଦି ମଧ୍ୟ ଜାରି ରଖିବ, ଏହା ନିଶ୍ଚିତ ଭାବରେ ସ୍ଥାନୀୟ ଲୋକ ଏବଂ ବିଏସ୍‌ଏଫ୍ ମଧ୍ୟରେ ସମ୍ପର୍କକୁ ସୁଦୃଢ କରିବାରେ ଏକ ଦୀର୍ଘ ରାସ୍ତା ଯିବ !ଏହିପରି କାର୍ଯ୍ୟକ୍ରମ ଆବଶ୍ୟକୀୟ ଆବଶ୍ୟକତାକୁ ସମାଧାନ କରିଥାଏ । ସ୍ଥାନୀୟ ଜନସାଧାରଣ ଏବଂ ବିଭିନ୍ନ ସରକାରୀ ଏଜେନ୍ସି ମାଧ୍ୟମରେ ସେମାନଙ୍କର ଅଭିଯୋଗର ସମାଧାନ ପାଇଁ ଏକ ସୁଯୋଗ ପ୍ରଦାନ କରେ । ମୁଦୁଲିପଡା ଥାନା ଆଇଆଇସି ଚନ୍ଦ୍ରକାନ୍ତ ତାଣ୍ଡି ଏବଂ ମୁଦୁଲିପଡାର ସରପଂଚ ସମ୍ବରୀ ଡାଙ୍ଗ୍ରା ମାଝୀ , ଅନୁସୂଚିତ ଜାତି ଜନଜାତି ବାଳକ ଉଚ୍ଚ ବିଦ୍ୟାଳୟ ମୁଦୁଲିପଡା , ବାଳିକା ଉଚ୍ଚ ବିଦ୍ୟାଳୟ ମୁଦୁଲିପଡା ର ଶିକ୍ଷକମାନେ ଉପସ୍ଥିତ ଥିଲେ। ବିଏସ୍‌ଏଫ୍ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ସେମାନେ ସମସ୍ତେ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପିଲାମାନଙ୍କ ଦ୍ୱାରା ସ୍ଥାନୀୟ ସଂସ୍କୃତି ଓ ପରମ୍ପରା ପ୍ରଦର୍ଶନ ପାଇଁ "ବଣ୍ଡା ଏବଂ ଢେମସା ନୃତ୍ୟ" ପ୍ରଦର୍ଶନ କରୁଥିବା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମ ପରେ ଗ୍ରାମବାସୀଙ୍କୁ ମଧ୍ୟାହ୍ନ ଭୋଜନ ମଧ୍ୟ ପ୍ରଦାନ କରାଯାଇଥିଲା ଏବଂ ବିଏସ୍‌ଏଫ୍ ଉଦ୍ୟମରେ ସେମାନେ ବହୁତ ଖୁସି ହୋଇଥିଲେ।

## ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମାଲକାନଗିରି, (ପି.ଏନ): ମାଲକାନଗିରି ସଦର ମହକୁମା ସ୍ଥିତ ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଉନ୍ନବିଂଶ ତମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି ।ଉକ୍ତ ଉତ୍ସବରେ ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ମହାରଣା ସଭାପତିତ୍ୱ କରିଥିବା ବେଳେ ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ର ମୁଖ୍ୟ ଅଧ୍ୟାପକ ଡ଼ଃ ରଞ୍ଜନ କୁମାର ସ୍ୱାଇଁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଶିକ୍ଷାର୍ଥୀ ମାନଙ୍କ ପଂଚ ଲକ୍ଷଣ ସମ୍ପର୍କରେ ଆଲୋଚନା କରିଥିଲେ। ମାଲକାନଗିରି ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ଧନେଶ୍ୱର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଅନେକେ ସଦୁପଦେଶ ଦେଇଥିଲେ ।ସମ୍ମାନୀତ ଅତିଥି ଭାବେ ମାଲକାନଗିରି ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ଧର ,ସି. ଆର. ସି .ସି ବିନୋଦବିହାରୀ ଦାସ ,ଡି. ସି .ପି .ଓ ନାରାୟଣ ଚନ୍ଦ୍ର ଦାସ ,କାଉନସିଲର ଜ୍ୟୋସ୍ନା ପଲେଇ, ଏସ .ଏମ .ସି ସଭାପତି ଜ୍ୟୋସ୍ନା ସରକାର,ବିଦ୍ୟାଳୟର ପୁରାତନ ଛାତ୍ର ସରୋଜ ପାତ୍ର ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରିଥିଲେ ।କାର୍ଯ୍ୟକ୍ରମ ପ୍ରାରମ୍ଭରେଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ।

## ଦୁର୍ଗାପୂଜା ନିମନ୍ତେ ପ୍ରସ୍ତୁତି ବୈଠକରେ ଶବ୍ଦ, ସୁରକ୍ଷା ଓ ଶୃଙ୍ଖଳା ଉପରେ ଗୁରୁତ୍ୱ



ବାଲେଶ୍ୱର (ପିଏନ୍)-ଚଳିତ ବର୍ଷ ବାଲେଶ୍ୱର ସହରର ଦୁର୍ଗାପୂଜାରେ ଶାନ୍ତି, ଶୃଙ୍ଖଳା ବଜାୟ ରଖିବା ପାଇଁ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେଙ୍କ ଅଧକ୍ଷତାରେ ବାଲେଶ୍ୱର ପ୍ରଶାସନ ଓ ସହରର ସମସ୍ତ ପୂଜା କମିଟିକୁ ନେଇ ଗାନ୍ଧୀ ସ୍ମୃତି ଭବନଠାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ସିନ୍ଧେ ପୂଜା କମିଟିର କର୍ମକର୍ତ୍ତାଙ୍କୁ ବୈଠକର ସହମତି ଭିତ୍ତିରେ ହୋଇଥିବା ନିଷ୍ପତ୍ତିର ଅନୁପାଳନ ପୂର୍ବକ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ପୂଜା ସମ୍ପନ୍ନ କରିବା ନିମନ୍ତେ ଅନୁରୋଧ କରିଥିଲେ। ଗତ ଦୁଇବର୍ଷ ଧରି କୋଭିଡ୍ ମହାମାରୀ ଯୋଗୁଁ ବିଧିରକ୍ଷା ପାଇଁ ପୂଜା ହୋଇଆସୁଥିବାରୁ ଏ ବର୍ଷ ପୂଜା ପାଇଁ ସମସ୍ତଙ୍କ ଭିତରେ ଉତ୍ସାହ, ଉଦ୍ଦୀପନା ଦେଖିବାକୁ ମିଳିଛି। ସହରରେ ପ୍ରାୟ ୧୫୦ଟି ମଣ୍ଡପରେ ମା'ଙ୍କର ପୂଜା ଅନୁଷ୍ଠିତ ହେବ। କୌଣସି ମୂର୍ତ୍ତି ୧୨ ଫୁଟ୍‌ରୁ ଅଧିକ ଉଚ୍ଚ ହେବନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ମେଡ଼ିକାଲ୍ ଛକରୁ ସିନେମା ଛକ ପର୍ଯ୍ୟନ୍ତ ଥିବା ସାଇଲେଣ୍ଟ ଜୋନ୍, ଡାକ୍ତରଖାନା, ବାଳାଶ୍ରମ ଓ ଶିକ୍ଷାନୁଷ୍ଠାନ ନିକଟରେ ଡାକବାଜୀ ଯନ୍ତ୍ର ନିଷେଧ କରାଯାଇଛି। ଭସାଣି ଶୋଭାଯାତ୍ରା ଆୟୋଜନ ନିମନ୍ତେ ୨୩ ତାରିଖରୁ ୨୬ ତାରିଖ ସମୟ ଅବଧି ରଖାଯାଇଛି। ପୂଜାରେ ୬୦ ଡ଼େସିବଲରୁ ଅଧିକ ଶବ୍ଦ ହେବ ନାହିଁ ଏବଂ ଡିଜେ ବ୍ୟବହାର ହେବନାହିଁ। ବିରାଷ୍ଟମୀ ଆଖଡ଼ା ସକାଳ ୭ଟାରୁ ସନ୍ଧ୍ୟା ୫ଟା ଏବଂ ଦଶହରା ଦିନ ସିନେମା ଛକରେ ସନ୍ଧ୍ୟା ୫ଟା ରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ। ଭସାଣୀ ଶୋଭାଯାତ୍ରା ନିମନ୍ତେ ସର୍ବାଧିକ ୪ଟି ସାଉଣ୍ଡ ବକ୍ସ ତଥା ୮ଟି ସ୍ପିକର ବ୍ୟବହାରକୁ ଅନୁମତି ମିଳିଛି। ଭସାଣି ନିମନ୍ତେ ୪ଟି ଅସ୍ଥାୟୀ ପୋଖରୀ ବ୍ୟବସ୍ଥା କରାଯିବ। ପୂଜା ପୂର୍ବରୁ ସହରର ଖରାପ ହୋଇଥିବା ରାସ୍ତାଘାଟର ମରାମତି ନିମନ୍ତେ ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନିଳୁ ମହାପାତ୍ର, ଅତିରିକ୍ତ ଏସପି ଅମରେଶ ପାଣିଗ୍ରାହୀ, ଉପଜିଲ୍ଲାପାଳ ତଥା ବାଲେଶ୍ୱର ମ୍ୟୁନିସିପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ସ୍ୱାଇଁ, ସିଡିଏମ୍‌ଓ ଦୁଲାଲ ସେନ ଜଗଦେବ, ସହକାରୀ ଜିଲ୍ଲାପାଳ ଗିତିକା ଦାସଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବି ୟୁ ଏସ ବିଦ୍ୟାପୀଠରେ ହିନ୍ଦୀ ଦିବସ ପାଳିତ

ବାଲେଶ୍ୱର (ପିଏନ୍)-ସରକାରୀ ବି ୟୁ ଏସ ବିଦ୍ୟାପୀଠ କାକବୋରାଇ ଠାରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏଥିପାଇଁ ବିଦ୍ୟାଳୟରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହେମପ୍ରଭା ଅଗସ୍ତି ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟ ଅତିଥି ରୂପେ ସେବାନିବୃତ ପ୍ରଫେସର ଡ଼. ଭରତ ସିଂ ପରମାର, ମୁଖ୍ୟବକ୍ତା ଭାବେ ସି ଆର ସି ସି ରମେଶ ଚନ୍ଦ୍ର ଖଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରିୟବ୍ରତ ଦେ ମଂଚ ପରିଚାଳନା କରିଥିଲେ ଏବଂ ସର୍ବଶେଷରେ ହିନ୍ଦି ଶିକ୍ଷୟିତ୍ରୀ ଡକ୍ଟର ସୁସ୍ମିତା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପିଲାମାନଙ୍କ ଦ୍ୱାରା ବକ୍ତୃତା ଏବଂ ନୃତ୍ୟ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଯୌତୁକ ପାଇଁ ନବବଧୂକୁ ନିର୍ଯାତନା



ଖୋର୍ଦ୍ଧା (ପିଏନ୍)-ବେଗୁନିଆ ଥାନା ଅନ୍ତର୍ଗତ ମାଣିବନ୍ଧ ପଂଚାୟତ ସାମନ୍ତରାପୁର ଗ୍ରାମର ଜଣେ ନବବଧୂକୁ ବିବାହର ତିନି ବର୍ଷ ପରେ ଯୌତୁକ ଟଙ୍କା ପାଇଁ ବାଡେଇ ଲହୁଲୁହାଣ କରି ଦେଇଛନ୍ତି। ଏ ନେଇ ଝିଅର ମା ଧୋବୀ ଦେହୁରୀ ବେଗୁନିଆ ଥାନାରେ ଅଭିଯୋଗ କରିବା ସହ ୧୦୮ ଆମ୍ବୁଲାନସ ଯୋଗେ ଚିକିତ୍ସା ପାଇଁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଲିଖିତ ଅଭିଯୋଗ ସୂଚନା ମୁତାବକ, ମାଣିବନ୍ଧ ପଂଚାୟତ ଅନ୍ତର୍ଗତ ସାମନ୍ତରାପୁର ଗ୍ରାମର ସ୍ୱର୍ଗତଃ ଶତ୍ରୁଘନ ଦେହୁରୀଙ୍କ ଝିଅ ପୂଜା ଗତ ତିନିବର୍ଷ ତଳେ କଟକ ଜିଲ୍ଲା ବଡମ୍ବା ଥାନା ଅନ୍ତର୍ଗତ ଜାଜିଆ ଗ୍ରାମର ପ୍ରଭାତ ନାୟକଙ୍କ ପୁଅ ପ୍ରଶାନ୍ତଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଏହି ବିବାହ ସମୟରେ ଯୌତୁକ ପାଇଁ କିଛି ଟଙ୍କା ବାକି ରହିଯାଇଥିବାରୁ ଶାଶୁ ନଳିନୀ, ନଣନ୍ଦ ରମା, ପିଙ୍କି ଓ ରିଙ୍କି ମିଶି ବିଭିନ୍ନ ସମୟରେ ଶାରିରୀକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏ ନେଇ ପୁଅ ଘର ପରିବାର ଲୋକମାନେ ସଂଘବଦ୍ଧ ଭାବେ ଝିଅକୁ ଠେଙ୍ଗାରେ ଆକ୍ରମଣ କରି ହାତ, ଗୋଡ, ପିଠି ଓ ଜଂଘକୁ ବାଡାବାଡି କରି ଫଟେଇ ଦେଇଥିଲେ। ଏଥିରେ ସ୍ୱାଇଁ ପ୍ରଶାନ୍ତ ପତ୍ନୀକୁ ଆଣି ରକ୍ତଶ୍ରାବ ଅବସ୍ଥାରେ ଶ୍ୱଶୁର ଘରେ ଛାଡି ଦେଇ ଚାଲି ଯାଇଥିଲା ବୋଲି ଅଭିଯୋଗକାରିଣୀ ଝିଅର ମା' ଧୋବୀ କୋହଭରା କଣ୍ଠରେ କହିଥିଲେ।

## ଅଧ୍ୟାପନାର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ବୃକ୍ଷରୋପଣ ଓ ଆଲୋଚନାଚକ୍ର



ଖୋର୍ଦ୍ଧା (ପିଏନ୍)-ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ଗ୍ରାମସ୍ଥିତ ରମାମଣି ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ପ୍ରାଧ୍ୟାପକ ଦିଲ୍ଲୀପ କୁମାର ସାଥୁଆଙ୍କ ଅଧ୍ୟାପନାର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ବୃକ୍ଷରୋପଣ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏ ନେଇ ସ୍ଥାନୀୟ ପଂଚାୟତର ପୂର୍ବତନ ସରପଂଚ ପ୍ରଶାନ୍ତ ବେହେରା, ପ୍ରାଧ୍ୟାପକ ପ୍ରଦୀପ ସାହୁ, ଖେଳ ଶିକ୍ଷକ ବିଜୟ ପଟ୍ଟନାୟକ ଓ କିରାଣୀ ଦିଲ୍ଲୀପ କୁମାର ପଣ୍ଡା ଉପସ୍ଥିତ ରହି ବୃକ୍ଷରୋପଣ କରାଯାଇଥିଲା। ଏଥିରେ ବଉଳ, ଲିମ୍ବ ଓ କରଞ୍ଜ ସମେତ ବିଭିନ୍ନ ପ୍ରଜାତିର ବୃକ୍ଷରୋପଣ କରାଯାଇଥିବା ବେଳେ +୨ ବିଜ୍ଞାନର ଛାତ୍ରଛାତ୍ରୀମାନେ ଏଥିରେ ସହଯୋଗ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଧରାପଡିଲେ ଚ଼ାଇନା ସୀମାରେ ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ଭାରତୀୟ ସୈନ୍ୟ



ଭୁବନେଶ୍ୱର, (ପି.ଏନ): ଚ଼ାଇନା ସୀମାରେ ଚ଼ାଲିଥିବା ଭାରତୀୟ ସୁରକ୍ଷାକର୍ମୀଙ୍କ କାର୍ଯ୍ୟକଳାପ ସହ ଜଡିତ ଗୁପ୍ତ ତଥ୍ୟ ପାକିସ୍ତାନକୁ ଦେଇ ଧରାପଡିଛନ୍ତି ଜଣେ ଭାରତୀୟ ସୈନ୍ୟ। ଏହି ସୈନ୍ୟ ଜଣଙ୍କ ଦିଲ୍ଲୀରେ ଅବସ୍ଥାପିତ ପାକିସ୍ତାନ ଦୂତାବାସର ଜଣେ ଅଧିକାରୀଙ୍କୁ ଗୁପ୍ତ ତଥ୍ୟ ଦେଇଛନ୍ତି। ଏଥିପାଇଁ ତାଙ୍କୁ କୋର୍ଟ ମାର୍ଶଲ କରିବାକୁ ଭାରତୀୟ ସେନା ପ୍ରକ୍ରିୟା ଆରମ୍ଭ କରିଛି। ଭାରତୀୟ ସୈନ୍ୟ ଜଣଙ୍କ ନୂଆଦିଲ୍ଲୀରେ ଅବସ୍ଥାପିତ ପାକିସ୍ତାନ ଦୂତାବାସରେ କାମ କରୁଥିବା ଗୁପ୍ତଚ଼ର ଆବିଦ ହୁସେନ ଓରଫ ନାଏକ ଆବିଦଙ୍କୁ ଗୁପ୍ତ ତଥ୍ୟ ପଠାଇଥିବା ବେଳେ ଧରାପଡିଛନ୍ତି। ଅଭିଯୁକ୍ତ ଜଣଙ୍କ ଜଣେ ସିଗ୍ନାଲମ୍ୟାନ। ସେ ଚ଼ାଇନା ସୀମାନ୍ତ ଅଞ୍ଚଳରେ ପୋଷ୍ଟିଂ ପାଇଥିଲେ। ସେ ଭାରତୀୟ ସୁରକ୍ଷାକର୍ମୀଙ୍କ ସହ ଜଡିତ କିଛି ଗୁପ୍ତ ତଥ୍ୟ ପାକିସ୍ତାନ ଗୁପ୍ତଚ଼ରଙ୍କୁ ଦେବା ବେଳେ ଧରାପଡିଥିଲେ। ଏଥିପାଇଁ ତାଙ୍କ ବିରୋଧରେ କୋର୍ଟ ମାର୍ଶଲ ପ୍ରକ୍ରିୟା ଖୁବଶୀଘ୍ର ଆରମ୍ଭ ହେବ ବୋଲି ପ୍ରତିରକ୍ଷା ସୂତ୍ରରୁ ଖବର ମିଳିଛି। ଏହି ସୂତ୍ରରେ କୁହାଯାଇଛି ଯେ ଅଭିଯୁକ୍ତ ସୈନ୍ୟ ଜଣଙ୍କ କେବଳ କମ ଗୁରୁତ୍ୱବହନ କରୁଥିବା ତଥ୍ୟ ସମ୍ପର୍କରେ ସୂଚ଼ନା ପାଇଥିଲେ। ତଥାପି ଭାରତୀୟ ସେନା ସବୁବେଳେ ଏପରି ତଥ୍ୟ ଲିକ୍ ? ଘଟଣା ବିରୋଧରେ ପଦକ୍ଷେପ ଗ୍ରହଣ କରିଛି। ଏଥର ମଧ୍ୟ ପ୍ରମାଣ ମିଳିଲେ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଲିଙ୍ଗେଶ୍ୱର ମହାଦେବଙ୍କ ପବିତ୍ର ମହା ଶିବରାତ୍ରୀ ପାଇଁ ପ୍ରସ୍ତୁତି

କୋରେଇ, (ପି.ଏନ): କୋରାଇ ବ୍ଲକ ଅନ୍ତର୍ଗତ ପୂର୍ଣ୍ଣତୋୟା ବୈତରଣୀ ନଦୀ କୂଳର ମୂଳାପାଳ ଠାରେ ଅବସ୍ଥିତ ଶ୍ରୀ ଶ୍ରୀ ଲିଙ୍ଗେଶ୍ୱର ମହାଦେବଙ୍କ ପବିତ୍ର ମହାଶିବ ରାତ୍ରୀ ପାଇଁ ପ୍ରସ୍ତୁତି ବୈଠକ ସହ କାର୍ଯ୍ୟକ୍ରମ ପ୍ରସ୍ତୁତି ଚାଲୁ ରହିଛି । ଏହି ଅବସରରେ ଭକ୍ତ ଓ ଦର୍ଶକ ପାଇ ବ୍ୟାପକ ବ୍ୟବସ୍ଥା କରାଯାଇଛି । ସୁରୁଖୁରରେ ଭକ୍ତମାନଙ୍କ ଦର୍ଶନ, ଦୀପ ଦାନ, ଦୀପ ବସା ଓ ମହା ଦୀପ ଉଠା ପର୍ଯ୍ୟନ୍ତ କିପରି ସୁରୁଖୁରରେ କରାଯାଇ ପାରିବ ସେଥିପ୍ରତି ବଶେଷ ଧ୍ୟାନ ଦିଆଯାଇଛି । ସକାଳୁ ପୂଜା ଆରମ୍ଭ କରାଯିବା ସହ ସକାଳ ୯ଟାରୁ ୬ ଘଟିକା ପର୍ଯ୍ୟନ୍ତ ଭଜନ କୀର୍ତନ, ଭଜନ ପରିବେଷଣ କରାଯିବ। ୧୯ ତାରିଖ ସକାଳୁ କବିତା ପାଠୋତ୍ସବ, ଶ୍ରୀ ଲିଙ୍ଗେଶ୍ୱର ପତ୍ରିକା ଉନ୍ମୋଚନ ଓ ସାହିତ୍ୟ ସଭା ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ବାର୍ଷିକୋତ୍ସବ ପାଳନ କରାଯିବା ସକାଳୁ ଏହି ଅବସରରେ ରକ୍ତଦାନ ଶିବିର ଏବଂ ସନ୍ଧ୍ୟାରେ ବିଭିନ୍ନ ସଂସ୍କୃତି କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତି ନିଆଯାଇଛି। ୨୧ ଓ ୨୨ ତାରିଖ ଭଜନ ପ୍ରତିଯୋଗୀତା ଅନୁଷ୍ଠିତ ହେବ । କମିଟିର ସଭାପତି ଦୈତାରୀ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ପ୍ରଦୀପ କୁମାର ଧଳ, ଉପସଭାପତି ସଦାନନ୍ଦ ସାମଲ, ସହ ସମ୍ପାଦକ ନିତ୍ୟାନନ୍ଦ ପରିଡା, କୋଷାଧ୍ୟକ୍ଷ ପ୍ରମୋଦ କୁମାର ସାହୁ, ଦାମୋଦର ଧଳ, ପ୍ରତାପ ଚନ୍ଦ୍ର ଧଳ, ଗୋଲକ ଚନ୍ଦ୍ର ମାଝୀ, ଶରତ ଚନ୍ଦ୍ର ଧଳ, ଦିଲ୍ଲୀପ ଧଳ, ବାସୁଦେବ ପରିଡା, ବୃନ୍ଦାବନ ସାହୁ, ମାନସ ଧଳ, ଆନନ୍ଦ ପାଳ, ରାଜକିଶୋର ମଲ୍ଲିକ, ଭଗବାନ ସାହୁ, ଅଶୋକ କୁମାର ସାହୁ, କୈଳାସ ସାହୁ, ବିଷ୍ଣୁ ଧଳ(କ), ଶଙ୍କର୍ଷଣ ପରିଡା, ମଦନ ମୋହନ ମାଝୀ, ବିଷ୍ଣୁ ଧଳ (ଖ), ଭବ ପ୍ରସାଦ ଧଳ, ତାପସ ଧଳ, ନାଣ୍ଟୁ ମଲିକ, ରମେଶ ସାହୁ (ପାଗଳା)ଙ୍କ ସମତେ ସମସ୍ତ ସଦସ୍ୟ ଓ ପୂଜକ , କର୍ମଚାରୀ ଉପସ୍ଥିତ ଥିଲେ । ପାଣିକୋଇଲି ପୁଲିସ ପକ୍ଷରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ନିମନ୍ତେ ଓ ଶାନ୍ତି ଶୃଙ୍ଖଳ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ।

# ଜାତୀୟ ବ୍ୟାଡମିଂଟନ ଶିବିର ପରିଦର୍ଶନ କଲେ ନରସିଂହ

ବଲାଙ୍ଗୀର,(ପି.ଏନ): ସ୍ଥାନୀୟ ପିଆର ହାଇସ୍କୁଲ ଇନଡୋର ଷ୍ଟାଡିଅମରେ ଅଗାମୀ ଜାତୀୟ ବ୍ୟାଡମିଂଟନ ଚମ୍ପିଆନସିପ ପାଇଁ ରାଜ୍ୟ ଚୟନ ତଥା ପ୍ରଶିକ୍ଷଣ ଶିବିରକୁ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ପରିଦର୍ଶନ କରିଛନ୍ତି । ସପ୍ତାହ ବ୍ୟାପି ହେବାକୁ ଥିବା ଏହି ଶିବିରର ଅଜି ଦ୍ୱିତୀୟ ଦିବସରେ ଶିବିର ପରିଦର୍ଶନ ସମୟରେ ଶ୍ରୀ ମିଶ୍ର ଜାତୀୟ ସ୍ତର କୋଚ ମୁରଲୀ କ୍ରୀଷ୍ଣା, ଗୋବର୍ଦ୍ଧନ ରେଡ୍ଡି ଏବଂ ସଚିନ ରାଣାଙ୍କ ସହ ଖେଳ, ଖେଳାଳି ଓ ଭୀତିଭୂମୀକୁ ନେଇ ବିଭିନ୍ନ ପ୍ରକାର ଆଲୋଚନା କରିଥିଲେ। ଉପସ୍ଥିତ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଜିଲ୍ଲା ବ୍ୟାଡମିଂଟନ ସଂଘ ତରଫରୁ ଖେଳାଳିମାନଙ୍କ ପାଇଁ ଉପଲବଧ କରାଯାଇଥିବା ସୁବିଧା ସୁଯୋଗ ଉପରେ ଖେଳାଳିମାନେ କେତେ ଦୁର ଖୁସି ଅଛନ୍ତି ପଚାରି ବୁଝିଥିଲେ। ତା ସହ ଯଦି କିଛି ଅସୁବିଧା ଥାଏ, ତେବେ ସେଗୁଡିକୁ ତୁରନ୍ତ ପୂରଣ କରାଯିବା ନେଇ ପ୍ରତିଶୃତି ଦେଇଥିଲେ। ଏଠାରେ ସୁଚନା ଯୋଗ୍ୟ ଯେ, ଗତ ଜାନୁଆରି ମାସରେ ହୋଇଥିବା ରାଜ୍ୟ ସିନିଅର ବ୍ୟାଡମିଂଟନ ଚମ୍ପିଆନସିପରୁ ଉଭୟ ମହିଳା ଓ ପୁରୁଷ ବର୍ଗରୁ ବଛା ବଛା ୧୯ ଜଣ ଖେଳାଳିମାନେ ଏହି ଶିବିର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ଶିବିରେ ସେମାନଙ୍କୁ ପ୍ରଶିକ୍ଷଣ ଦେବା ସହ ଜାତୀୟ ପ୍ରିତଯୋଗିତା ପାଇଁ ଚୟନ କରାଯିବ। ଆଜିର ଏହି କାର୍ଯ୍ୟକ୍ରମରେ ଖେଳାଳି କୋଚ ବ୍ୟତିତ ଜାତୀୟ ଶିବିର ର ସାଂଗଠନିକ ସଂପାଦକ ସୁରୁଲାଲ ମଟାରୀ, ଜିଲ୍ଲା ସଭାପତି ଗୋପାଳ ପଣ୍ଡା, ଅନନ୍ତ ବେହେରା, ସୁଧିର ପଣ୍ଡା, ଶୁସାନ୍ତ ଚୋପଦାର, ବାସୁଦେବ ବେହେରା, ମାନସ ମହାନ୍ତି, ସିଦ୍ଧାର୍ଥ ମିଶ୍ର ଓ ଶୁଭାଂଶୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଗୀତା ହିଁ ମାନବୀୟ ସମ୍ବିଧାନ : ଦୁଇଦିବସୀୟ ଗୀତା ଓ ମାନବବାଦ ଆଲୋଚନାଚକ୍ର ଉଦ୍ୟାପିତ

ଭୁବନେଶ୍ୱର, (ପି.ଏନ): ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆଙ୍କ ଦ୍ୱାରା ପ୍ରତିଷ୍ଠିତ ଇଂଟରନ୍ୟାସନାଲ ଗୀତା ମିଶନ ତରଫରୁ ଆୟୋଜିତ 'ଗୀତା ଓ ମାନବବାଦ' ଶୀର୍ଷକ ଦୁଇଦିନିଆ ଆଲୋଚନାଚକ୍ର ଗୁରୁବାର ସନ୍ଧ୍ୟାରେ ଉଦ୍ୟାପିତ ହୋଇଯାଇଛି। ଡଃ ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚ଼ରୀଜୀ ସ୍ୱୀୟ ଆଶୀର୍ବଚନରେ କହିଲେ ଯେ, ଗୀତା ଗ୍ରନ୍ଥ ଏକ ଧର୍ମଶାସ୍ତ୍ର ନୁହେଁ। ଗୀତା ହେଉଛି ମାନବୀୟ ସମ୍ବିଧାନ। ଗୀତା କୌଣସି ନିର୍ଦ୍ଦିଷ୍ଟ ଜାତି, ଧର୍ମ, ଅଂଚଳ ପାଇଁ ଉଦ୍ଦିଷ୍ଟ ନୁହେଁ। ଏହା ସମଗ୍ର ବିଶ୍ୱର ପ୍ରତିଟି ମଣିଷମାନଙ୍କ ପାଇଁ ଉଦ୍ଦିଷ୍ଟ। ଗୀତା ସମଗ୍ର ବିଶ୍ୱକୁ ଗୋଟିଏ ସୂତ୍ରରେ ବାନ୍ଧିବାର ମାର୍ଗଦର୍ଶନ କରିଅଛନ୍ତି। ଗୀତା ମାନବବାଦର ପ୍ରତିଷ୍ଠା ଅତ୍ୟନ୍ତ ସଶକ୍ତ ଭାବେ ପ୍ରତିଷ୍ଠିତ କରିଅଛନ୍ତି।ଶ୍ରୀମଦ୍ ଭଗବତ ଗୀତା କେବଳ ଏକ ଧର୍ମ ନୁହେଁ, ଏହା ମାନବବାଦର ସର୍ବଶ୍ରେଷ୍ଠ ଓ ସର୍ବପ୍ରାଚୀନ ଉଦଘୋଷକ। ଶରୀରରୁ ଆତ୍ମା ପର୍ଯ୍ୟନ୍ତ ଯାତ୍ରା ଲାଗି ପଥ ସୁଗମ କରୁଥିବା ଆଲୋକ ବର୍ତ୍ତିକା ହିଁ ଗୀତା। ଏହାକୁ ମନୁଷ୍ୟ ଯେତେ ପାଠ କରୁଥିବେ, ସେଥିରୁ ସେତିକି ନୂଆ ନୂଆ ତଥ୍ୟ ଓ ପ୍ରେରଣା ଆହରଣ କରୁଥିବେ। ସ୍ଥୁଳ ମନୁଷ୍ୟ ମଧ୍ୟରେ ଅହରହ ଚ଼ଳିଥିବା ମହାଭାରତ ସଂଗ୍ରାମରେ, ମୋହ ଓ ଅଜ୍ଞାନ ସଦୃଶ ଅନ୍ଧ ଧୃତରାଷ୍ଟ୍ରଙ୍କୁ ଚକ୍ଷୁସ୍ମାନ ସଞ୍ଜୟଙ୍କ ଭଳି ଗୀତା ଦିବ୍ୟ ସନ୍ଦେଶ ଦେଇ ଚ଼ଲିଥିବ।

# ସଡ଼କ ସୁରକ୍ଷା ସଂପର୍କିତ ସୁପ୍ରିମ କୋର୍ଟ କମିଟି ସଚିବଙ୍କ ସହ ବୈଠକ

ଭୁବନେଶ୍ୱର,(ପି.ଏନ): ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଡ଼କ ସୁରକ୍ଷା ସଂପର୍କିତ ସୁପ୍ରିମକୋର୍ଟ କମିଟି ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହୋଇଛି । ସଡ଼କ ସୁରକ୍ଷା, ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ, ଆହତ ବ୍ୟକ୍ତିମାନଙ୍କ ତୁରନ୍ତ ଚିକିତ୍ସା ଓ ସହାୟତା ପ୍ରଦାନ ଉପରେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ନେଇ ସୁପ୍ରିମକୋର୍ଟ କମିଟି ସଚିବ ସଞ୍ଜୟ ମିତଲ ଖୁସିବ୍ୟକ୍ତ କରିଛନ୍ତି । ରାଜପଥକୁ ସଂଲଗ୍ନ କରୁଥିବା ରାସ୍ତାରେ ସ୍ପିଡବ୍ରେକର ବ୍ୟବସ୍ଥା, ଯାନବାହାନ ଯାଂଚ ଏବଂ ନିଶା ସେବନକରି ଗାଡି ଚଳାଉଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ପରାମର୍ଶ ଦେଇଛନ୍ତି। ଦୁର୍ଘଟଣାର ପ୍ରଥମ ଘଂଟା ବେଶ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ଦୃଷ୍ଟିରୁ ଆହତ ବ୍ୟକ୍ତିମାନଙ୍କୁ ପ୍ରାଥମିକ ଚିକିତ୍ସାରେ ସହାୟତା ପ୍ରଦାନ କରିବା ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ତାଲିମ ପ୍ରଦାନକୁ ବ୍ୟାପକ କରିବାକୁ ସେ କହିଛନ୍ତି । ଅନ୍ୟପକ୍ଷରେ ଟ୍ରମା କେନ୍ଦ୍ରଗୁଡିକରେ ଭିତିଭୂମି ସୁଦୃଢ଼ କରିବା ଉପରେ ସ୍ୱାସ୍ଥ୍ୟ ବିଭାଗଙ୍କୁ ମଧ୍ୟ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ସଡ଼କ ସୁରକ୍ଷା ଉପରେ ଗଠିତ ସୁପ୍ରିମକୋର୍ଟ କମିଟି ସଚିବ ଶ୍ରୀ ମିତଲ ଜାତୀୟ ରାଜପଥରୁ ଅବରୋଧ ହଟାଇବା, ଜାତୀୟ ସଡ଼କ କଂଗ୍ରେସର ନୀୟମ ଅନୁଯାୟୀ ମିଡିଆନ ନିର୍ମାଣ, ଦୁର୍ଘଟଣା ଆଶଙ୍କା ଥିବା ସ୍ଥାନ ଚିହ୍ନଟ ଏବଂ ଆବଶ୍ୟକୀୟ ସୂଚନା ଫଳକ ଲଗେଇବା ନିମନ୍ତେ ଜାତୀୟ ରାଜପଥ କର୍ତୃପକ୍ଷଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି । ସଡ଼କ ସୁରକ୍ଷା କ୍ଷେତ୍ରରେ ରାଜ୍ୟ ସରକାର ସବୁ ଦୃଷ୍ଟିରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ସହ ବିଭିନ୍ନ ବ୍ୟବସ୍ଥାକୁ ନେଇ ୬୭ ପ୍ରତିଶତ ମାର୍କ ରଖିଥିବା ଶ୍ରୀ ମିତଲ ସୂଚନା ଦେଇଛନ୍ତି । ଉକ୍ତ ବୈଠକରେ ରାଜ୍ୟରେ ଦୁର୍ଘଟଣା ଜନିତ ମୃତାହତ ସଂପର୍କରେ କ୍ରାଇମବ୍ରାଂଚ ଅତିରିକ୍ତ ଆରକ୍ଷୀ ମହା ନିର୍ଦ୍ଦେଶକ ଅରୁଣ ବୋଥ୍ରା ସୂଚନା ପ୍ରଦାନ କରିଥିଲେ। ଗତ ୨୦୨୧ ମସିହାରେ ରାଜ୍ୟରେ ୧୦୯୮୩ଟି ଦୁର୍ଘଟଣାରେ ୫୦୮୧ ଜଣ ମୃତ୍ୟୁବରଣ କରିଥିବା ବେଳେ ୯୭୮୨ ଜଣ ଆହତ ହୋଇଥିଲେ । ସେହିଭଳି ୨୦୨୨ ମସିହାରେ ୧୧୬୭୩ଟି ଦୁର୍ଘଟଣାରେ ୫୪୬୭ ଜଣ ପ୍ରାଣ ହରାଇଥିବା ବେଳେ ୧୦୩୦୨ ଜଣ ଆହାତ ହୋଇଥିଲେ । ଗତ ବର୍ଷ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ଓ ଗଜପତି ଜିଲ୍ଲାରେ ସର୍ବନିମ୍ନ ଦୁର୍ଘଟଣା ଜନିତ ମୃତ୍ୟୁ ହୋଇଥିବା ସେ କହିଥିଲେ । ସେହିଭଳି ରକ୍ଷକ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଦୁର୍ଘଟଣା ଜନିତ ପ୍ରାଥମିକ ଚିକିତ୍ସାରେ ସହାୟତା ପ୍ରଦାନ କ୍ଷେତ୍ରରେ ୧୧୩୮୯ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଛି । ବାହକ କାର୍ଯ୍ୟକ୍ରମ ମାଧ୍ୟମରେ ୧୫୩୨ ଜଣ ଭାରିଯାନ ଚାଳକଙ୍କୁ ତାଲିମ ପ୍ରଦାନ କରାଯାଉଛି ଏବଂ ଚତୁର୍ଥ ପର୍ଯ୍ୟାୟରେ ସରକାରଙ୍କ ପକ୍ଷରୁ ଯାଜପୁର ଜିଲ୍ଲାର ୪ ଶହ ଜଣ ଭାରିଯାନ ଚାଳକଙ୍କୁ ମଧ୍ୟ ତାଲିମ ପ୍ରଦାମ କରାଯିବାର ବ୍ୟବସ୍ଥା କରାଯାଇଛି। ସେହିଭଳି ବ୍ରହ୍ମପୁର, କେଉଁଝର ଏବଂ ବଣାଇଠାରେ ନୂତନ ଭାବେ ପ୍ରତିଷ୍ଠା କରାଯାଇଥିବା ଗାଡି ଚାଳନା ଏବଂ ତାଲିମ ଗବେଷଣା କେନ୍ଦ୍ରରେ ରାଜ୍ୟର ଏକ ହଜାର ଅନୁସୂଚିତଜାତି ଓ ଜନଜାତି ଭାରିଯାନ ଚାଳକଙ୍କୁ ବିଭାଗ ପକ୍ଷରୁ ଚଳିତ ବର୍ଷ ତାଲିମ ପ୍ରଦାନ କରାଯିବ। ଅନ୍ୟ ପକ୍ଷରେ ରାଜ୍ୟର ସମସ୍ତ ଆଂଚଳିକ ଏବଂ ସହାୟକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦୈନିକ ହାରାହାରି ୧୮ ଶହ ଜଣଙ୍କୁ ସଡ଼କ ସୁରକ୍ଷା ସଂପର୍କିତ ଅତ୍ୟାଧୁନିକ ତାଲିମ ପ୍ରଦାନ ନିମନ୍ତେ ବ୍ୟବସ୍ଥା କରାଯାଉଥିବା ସଂପର୍କରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ସୂଚନା ଦେଇଥିଲେ।ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ସୁନିଲ କୁମାର ବଂଶଲ, ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତଥିଲେ। ପରିବହନ ବିଭାଗ ଯୁଗ୍ମ କମିଶନର ସଞ୍ଜୟ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ରାଜ୍ୟପାଳଙ୍କୁ ଦାବିପତ୍ର ଦେଲା ବିଜେପି

ଭୁବନେଶ୍ୱର,(ପି.ଏନ): ରାଜ୍ୟର ବିରୋଧୀ ଦଳର ନେତା ଜୟନାରାୟଣ ମିଶ୍ରଙ୍କୁ ପୋଲିସ ପ୍ରଶାସନ ଅପମାନିତ କରୁଛି। ଏବେ ମହିଳା ପୋଲିସ ମଧ୍ୟ ବିଜୁ ଜନତା ଦଳର ମହିଳା ମୋର୍ଚ୍ଚାଭାବେ କାର୍ଯ୍ୟ କରୁଛି। ଶ୍ରୀ ମିଶ୍ରଙ୍କୁ ଫସାଇବା ପାଇଁ ଓଡ଼ିଶା ମହିଳା ପୋଲିସ ଗ୍ରୁପହୋଇ ଯାଇ ଥାନାରେ ଏତଲା ଦେଇଛି। ଓଡ଼ିଶା ପୋଲିସଙ୍କ ଏଭଳି କାର୍ଯ୍ୟ ପାଇଁ ଶ୍ରୀ ମିଶ୍ର ପିଏସ୍ଓଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ। ଏନେଇ ଶ୍ରୀ ମିଶ୍ରଙ୍କ ସାଙ୍ଗରେ ରାଜ୍ୟ ପୋଲିସ ପ୍ରଶାସନର ଡିଜି, ଡିଆଜି, ଏସ୍ପି ସମ୍ବଲପୁର କଥା ନହେବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଓଡିଶା ପୋଲିସ ପ୍ରଶାସନ କଣ ବିଜେଡି ପାର୍ଟିର ହୋଇଯାଇଛି କି ବୋଲି ସାଧାରଣରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଜୁ ଜନତା ଦଳ ବିଧାନସଭା ଚଳାଇବାରେ ବାଧା ଦେଉଥିଲେ ଏବେ ବିରୋଧୀ ଦଳର ନେତା ଶ୍ରୀ ମିଶ୍ରଙ୍କ କଣ୍ଠରୋଧ କରିବା ପାଇଁ ହତ୍ୟାକାରୀ କହିବା ଅତ୍ୟନ୍ତ ଲଜ୍ୟାଜନକ। ସମ୍ବଲପୁର ସର୍କିଟ ହାଉସରେ ବିଜୁ ଜନତା ଦଳ କାର୍ଯ୍ୟକର୍ତା ଓ କର୍ମୀମାନେ ପଶି ଭଙ୍ଗାରୁଜା କରିବା ସହ ଶ୍ରୀ ମିଶ୍ରଙ୍କ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏହା କେଉଁ ପ୍ରକାରର ସଂସ୍କାର ବୋଲି ଆଜି ରାଜଭବନ ଆଗରେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଏବଂ ପ୍ରତିବାଦ ସଭାରେ କହିଛନ୍ତି ରାଜ୍ୟ ସଭାପତି ସମୀର ମହାନ୍ତି। ପ୍ରତିବାଦ ସଭା ପରେ ବିଜେପିର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟର ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟାରେ ଓଡ଼ିଶା ପୋଲିସ ଯେଉଁଭଳିଭାବେ ତଦନ୍ତକୁ ବାଂଟବଣା କରାଯାଉଛି। ଏଥିରୁ ସ୍ପଷ୍ଟ ପ୍ରମାଣିତ ଯେ, ସ୍ୱର୍ଗତଃ ଦାସଙ୍କ ହତ୍ୟା ପଛରେ ରାଜନୈତିକ ଓ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ହାତ ଅଛି। ତଦନ୍ତ କେବଳ ଗୋପାଳ ଚାରିପାଖରେ ଘୁରି ବୁଲିଲା କିନ୍ତୁ ଗୋପାଳକୁ ଏହି ହତ୍ୟାକାଣ୍ଡ ଭିଆଇବା ପାଇଁ କିଏ ନିର୍ଦ୍ଦେଶ ଦେଇଥିଲା ତାହାକୁ କ୍ରାଇମବ୍ରାଂଚ ଅତି ଚତୁରତାର ସହ ଲୁଚାଇବା ପାଇଁ ଚେଷ୍ଟା କରୁଛି। ଯଦି ଜଣେ କ୍ୟାବିନେଟ୍ ମନ୍ତ୍ରୀ ହତ୍ୟାର ତଦନ୍ତ ଅବସ୍ଥା ଏଇଆ ତାହାଲେ ସାଧାରଣ ଲୋକଙ୍କୁ ଏ ରାଜ୍ୟରେ କଣ ନ୍ୟାୟ ମିଳିବ ତାହା ଏକ ବଡ ପ୍ରଶ୍ନ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ବିଜେପୁର ଉପନିର୍ବାଚନ ବେଳେ ଶ୍ରୀ ମିଶ୍ର ନାଁରେ ମିଥ୍ୟା ମାମଲା ରୁଜୁ କରିବା ଘଟଣା ସାରା ଓଡ଼ିଶାବାସୀ ଦେଖିଛନ୍ତି। ରାଜ୍ୟ ସରକାର ବିରୋଧୀ ଦଳର ନେତା ଓ ବିରୋଧୀଙ୍କ କଣ୍ଠରୋଧ କରିବାକୁ ଅପଚେଷ୍ଟା ଚଳାଇଛନ୍ତି। ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ସାରା ରାଜ୍ୟରେ ଆନ୍ଦୋଳନ କରିବ ବିଜେପବୋଲି ଶ୍ରୀ ମହାନ୍ତି କହିଛନ୍ତି। ସେହିପରି ବିରୋଧୀ ଦଳ ନେତା ଓଡିଶାରେ ସୁରକ୍ଷିତ ନୁହନ୍ତି। ଓଡ଼ିଶାରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଥିବା ବେଳେ ମୁଖ୍ୟମନ୍ତ୍ରୀ ନୀରବ କାହିଁକି ଅଛନ୍ତି ବୋଲି ବିଜେପିର ଓଡ଼ିଶା ପ୍ରଭାରୀ ତଥା କେନ୍ଦ୍ରୀୟ ସାଧାରଣ ସମ୍ପାଦିକା ଶ୍ରୀମତୀ ଡି.ପୁରନ୍ଦେଶ୍ୱରୀ ପ୍ରଶ୍ନ କରିଛନ୍ତି। ଗତକାଲି ଭାରତୀୟ ଜନତା ପାର୍ଟି ପକ୍ଷରୁ ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ଓଡ଼ିଶାର ସମସ୍ତ ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ଦଳ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ଆଜି ରାଜଭବନ ସାମ୍ନାରେ ମୁଖ୍ୟମନ୍ତ୍ରୀଙ୍କ ବହିଷ୍କାର ଦାବିରେ ଦଳ ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ଏହି ଗଣଧାରଣାରେ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ବରଗଡ ସାଂସଦ ସୁରେଶ ପୂଜାରୀ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ବରିଷ୍ଠ ନେତା କେଭି ସିଂହଦେଓ, ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ମନମୋହନ ସାମଲ, ନୟନ କିଶୋର ମହାନ୍ତି, ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ଡ.ଲେଖାଶ୍ରୀ ସାମନ୍ତସିଂହାର, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ୍ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ହେଲେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, (ପି.ଏନ): ସ୍କୁଲ ଶିକ୍ଷାକୁ ମଜଭୂତ୍ କରିବା ପାଇଁ ଭୁବନେଶ୍ୱର ଠାରେ ଗୁରୁବାର ଅନୁଷ୍ଠିତ ଦୁଇଦିନିଆ ଷ୍ଟାର୍ସ(ଷ୍ଟ୍ରେନ୍ଥେନିଂ ଟିଚିଂ-ଲର୍ଣ୍ଣିଂ- ଆଣ୍ଡ୍ ରେଜଲ୍ଟ ଫର୍ ଷ୍ଟେଟ୍ସ)ର ମଧ୍ୟବର୍ତ୍ତୀକାଳୀନ ସମୀକ୍ଷା ବୈଠକରେ ସ୍କୁଲ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଥିବା ସୂଚନା ଦେଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସ୍କୁଲ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ହେଲେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ସେ କହିଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ବୈଠକର ପ୍ରଥମ ଦିନରେ 'ଷ୍ଟାର୍ସ' ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ୬ଟି ରାଜ୍ୟ ଯଥା ଓଡ଼ିଶା, ରାଜସ୍ଥାନ, ମହାରାଷ୍ଟ୍ର, କେରଳ, ମଧ୍ୟପ୍ରଦେଶ ଏବଂ ହିମାଚଳ ପ୍ରଦେଶରେ ଯୋଜନାର ରୂପରେଖ ଏବଂ ଅଗ୍ରଗତିର ସମୀକ୍ଷା କରାଯାଇଥିଲା । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଜାତୀୟ ଶିକ୍ଷା ନୀତି ଆଧାରରେ ଶିକ୍ଷା କ୍ଷେତ୍ରକୁ ମଜଭୂତ୍ କରିବା ଦିଗରେ ଉପସ୍ଥିତ ଅଧିକାରୀ ଏବଂ ଜିଲ୍ଲା ଶିକ୍ଷା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି)ର ଅଧ୍ୟାପକ ମାନଙ୍କୁ ଆହ୍ୱାନ କରିଥିଲେ । ଅଭିନବ ପଦ୍ଧତିରେ ଶିକ୍ଷା ଦାନ କରିବା ସହ ପାଠପଢାରେ ପ୍ରଯୁକ୍ତିବିଦ୍ୟାକୁ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ରାଷ୍ଟ୍ରୀୟ ପାଠ୍ୟକ୍ରମ ରୂପରେଖ (ଏନସିଏଫ) ହେଉଛି ଜାତୀୟ ଶିକ୍ଷା ନୀତିର ଅସ୍ମିତା । ଛାତ୍ରଛାତ୍ରୀଙ୍କ ଉନ୍ନତି ପାଇଁ ଶିକ୍ଷାରେ କ୍ରୀଡା ତଥା ଖେଳ ଆଧାରିତ ପାଠପଢା ଉପରେ ଗୁରୁତ୍ୱ ଦିଆଯାଇଛି । ଜାତୀୟ ଶିକ୍ଷା ନୀତି ଲାଗୁ କରିବା ଏବଂ ପିଏମ ଶ୍ରୀ ଯୋଜନାରେ ଯୋଡି ହେବା ପାଇଁ ସେ ରାଜ୍ୟ ଗୁଡିକୁ ଆହ୍ୱାନ କରିଛନ୍ତି । ବୈଠକ ପରେ ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଦେଶରେ ରାଷ୍ଟ୍ରୀୟ ଶିକ୍ଷା ନୀତିକୁ କ୍ରିୟାନ୍ୱୟନ କରିବାରେ 'ଷ୍ଟାର୍ସ' କାର୍ଯ୍ୟକ୍ରମର ବହୁତ ବଡ ଭୂମିକା ରହିଛି । ସମଗ୍ର ଶିକ୍ଷା ଅଭିଯାନ ସହ 'ଷ୍ଟାର୍ସ' ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ୬ଟି ରାଜ୍ୟରେ ପ୍ରାୟ ୫ ହଜାର କୋଟି ଟଙ୍କାରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି । ଏହା କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ଯୋଜନା । ଏଥିରେ ୱାର୍ଲଡ ବ୍ୟାଙ୍କର ୬୫ ପ୍ରତିଶତ ଯୋଗଦାନ ଥିବାବେଳେ ଉପରୋକ୍ତ ୬ଟି ରାଜ୍ୟର ୩୫ ପ୍ରତିଶତ ଅର୍ଥ ଯୋଗଦାନ ଅଛି । ବିଶେଷ ଭାବରେ ଶିକ୍ଷକ ମାନଙ୍କର ଦକ୍ଷତା ବୃଦ୍ଧି 'ଷ୍ଟାର୍ସ' ପ୍ରକଳ୍ପର ଉଦ୍ଦେଶ୍ୟ । ଏହି ମର୍ମରେ ମଧ୍ୟବର୍ତ୍ତୀକାଳୀନ ସମୀକ୍ଷା ବୈଠକରେ ୬ଟି ରାଜ୍ୟ, ୱାଲ୍ଡ ବ୍ୟାଙ୍କର ଅଧିକାରୀଙ୍କ ସହ ଆଗାମୀ ଦିନରେ ଶିକ୍ଷକଙ୍କ କାପାସିଟି ବଲଡିଂରେ କ'ଣ ସବୁ ଦିଗ ରହିବା ଦରକାର ସେ ଦିଗରେ ଆଲୋଚନା ହେଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ବଜେଟରେ ଜିଲ୍ଲା ଶିକ୍ଷା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନକୁ ମଜଭୂତ୍ କରିବା ଦିଗରେ ଗୁରୁତ୍ୱ ଦେଇଛନ୍ତି । ଏକବିଂଶ ଶତାବ୍ଦୀରେ ଭାରତ ଜ୍ଞାନ ଆଧାରିତ ଅର୍ଥନୀତି କଳ୍ପନା କରୁଛି । ଆଜି ଭାରତୀୟ ଶିକ୍ଷା ବ୍ୟବସ୍ଥା ବିଶ୍ୱର ଉଭା ହେଉଥିବା ଅର୍ଥନୀତି ପାଇଁ ମଡେଲ ହୋଇଛି । ବିଶେଷ ଭାବରେ ଭାରତ ଯେତେବେଳେ ଜି-୨୦ର ଅଧ୍ୟକ୍ଷତାର ଦାୟିତ୍ୱରେ ଅଛି, ସେହି ସମୟରେ 'ଷ୍ଟାର୍ସ' ମଡେଲ ସ୍କୁଲ ଶିକ୍ଷା ବ୍ୟବସ୍ଥା ପାଇଁ ଏକ ଉପାଦେୟ ହେବ । ଏହି ସମୀକ୍ଷା ବୈଠକରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, କେନ୍ଦ୍ର ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗର ସଚିବ, ରାଜ୍ୟ ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗର ବରିଷ୍ଠ ଅଧିକାରୀ, ଏନସିଇଆରଟି ଏବଂ ୱାଲ୍ଡ ବ୍ୟାଙ୍କର ଅଧିକାରୀମାନେ ଉପସ୍ଥିତ ଥିଲେ ।



ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Bhubaneswar Tuesday February 21, 2023 ଭୁବନେଶ୍ୱର ମଙ୍ଗଳବାର, ଫେବୃଆରୀ ୨୧,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ଘଷିପୁରା ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣୀ

ଘଷିପୁରା,(ପି.ଏନ):ଘଷିପୁରା ବ୍ଲକ କାର୍ଯ୍ୟାଳୟର ମିଶନଶକ୍ତି ଗୃହରେ କେନ୍ଦୁଝର ଜିଲ୍ଲାପାଳ ଏବଂ ଏସ୍.ପି.ଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଏସ୍.ପି. ମିତ୍ରଭାନୁ ମହାପାତ୍ର ଉପସ୍ଥିତ ରହି ଅଭିଯୋଗ ଶୁଣିବା ସହ ଏହାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ପ୍ରସଙ୍ଗରେ ମୋଟ ୧୫୬ଟି ଅଭିଯୋଗ ଆସିଥିଲା । ଅବସର ପରେ କିଛି କର୍ମଚାରୀଙ୍କୁ ବକେୟା ଅନୁଦାନ ମିଳନଥିବାରୁ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କ ନାମ ନଥିବାରୁ ହିତାଧିକାରୀମାନେ ନିଜର ଅଭିଯୋଗ ଜଣାଇବା ସହିତ କିଛି ହିତାଧିକାରୀ ଦୀର୍ଘଦିନ ହେବ ଅନଲାଇନ୍ ମାଧ୍ୟମରେ ଭତ୍ତା ଆବେଦନ କରିଥିଲେ ମଧ୍ୟ ଭତ୍ତା ପାଇନଥିବାରୁ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ । ଘଷିପୁରା ବ୍ଲକରେ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଦୁଇଜଣଙ୍କୁ ଟ୍ରାୟ ସାଇକେଲ ବ୍ଣ୍ଟନ କରାଯାଇଥିଲା । ପରିପାଳ ପଂଚାୟତର ହରେକୃଷ୍ଣ ସାହୁ, ରାମଚନ୍ଦ୍ରପୁର ପଂଚାୟତରୁ ବଳରାମ ସାଙ୍କୁ ଟ୍ରାୟ ସାଇକେଲ ଦିଆଯାଇଥିଲା । ଏହି ଜନଶୁଣାଣିରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଆନନ୍ଦପୁର ଉପଜିଲ୍ଲାପାଳ ଅନିଲ କୁମାର ସେଠି, ଏସ୍‌ଡିପିଓ ପ୍ରଶାନ୍ତ ବେହେରା, ବିଡିଓ ଅସିତ ମହାନ୍ତି, ଏବିଡିଓ ମେନକା ମାରାଣ୍ଡି ପ୍ରମୁଖଙ୍କ ସହିତ ଜିଲ୍ଲା ଓ ଉପଖଣ୍ଡର ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିବା ବେଳେ ଘଷିପୁରା ବ୍ଲକର ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ । ଘଷିପୁରା ଥାନାଧିକାରୀ ବିକ୍ରମ କୁମାର ଭୂୟାଁଙ୍କ ସମେତ ଘଷିପୁରା ପୋଲିସ୍ ଶାନ୍ତି ଶୃଙ୍ଖଳାରେ ସହଯୋଗ କରିଥିଲେ ।

## ଇ-ଲାଇବ୍ରେରୀ ଉଦ୍‌ଘାଟିତ

ଆନନ୍ଦପୁର,(ପି.ଏନ):ଓଡିଶାର ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ପ୍ରଦତ୍ତ ଆନନ୍ଦପୁର ଅତିରିକ୍ତ ଜିଲ୍ଲା ତଥା ବରିଷ୍ଠ ଦେୱାନୀ ଅଦାଲତ ପରିସରରେ ଆଇନଜୀବୀଙ୍କ ନିମନ୍ତେ ଇ-ଲାଇବ୍ରେରୀ ଉଦ୍‌ଘାଟିତ ହୋଇଯାଇଛି। ଭରଚୁଆଲ ମୋଡରେ ଆୟୋଜିତ କାର୍ଯ୍ୟକ୍ରମରେ ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧିଶ କେ.ଏନ୍. ଯୋଶେଫ, ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧରନଙ୍କ ସହିତ ଅନ୍ୟ ବିଚାରପତିମାନେ ଉପସ୍ଥିତ ରହି ଇ-ଲାଇବ୍ରେରୀର ଉଦ୍‌ଘାଟନ କରିଥିଲେ । କେନ୍ଦୁଝର ଜିଲ୍ଲାଜଜ୍ ଚିତ୍ତରନ ମହାପାତ୍ର, ଆନନ୍ଦପୁରର ଅତିରିକ୍ତ ଜିଲ୍ଲାଜଜ୍ ପ୍ରଜ୍ୟୋତି ରାଉତ, ସବ୍ଜଜ୍ ମହେଶ୍ୱତା ପରିଜା, ଏସ୍‌ଡିଜେଏମ୍ ଇଶା ପତି, ଘଷିପୁରା ଗ୍ରାମ ନ୍ୟାୟାଳୟର ନ୍ୟାୟାଧିକାରୀ ସୁମିତ୍ରା କୁମାରୀ ଦାଶ, ଓକିଲ ସଂଘ ସଭାପତି ଦୟାନିଧି ଦାଶ ପ୍ରମୁଖ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ଥିବାବେଳେ ଆନନ୍ଦପୁର ଓକିଲ ସଂଘର ବରିଷ୍ଠ ଆଇନ୍‌ଜୀବୀ ମହେନ୍ଦ୍ର କୁମାର ମହାପାତ୍ର, ହରେକୃଷ୍ଣ ପଟ୍ଟନାୟକ, ସୟ କୁମାର ମିଶ୍ର, ଅଶ୍ୱିନୀ ପଟ୍ଟନାୟକ, ବାଇଧର ସେଠୀ, ଅମର ମହାପାତ୍ର, କ୍ଷୀରୋଦ ତ୍ରିପାଠୀ, ଭାଗିରଥି ଦାଶ, ଉପସଭାପତି ରମେଶ ବାରିକଙ୍କ ସମେତ ବହୁ ଆଇନଜୀବୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# କେନ୍ଦ୍ର ସରକାର ଉପରେ ବର୍ଷିଲା ବିଜେଡି

ଜୟପୁର,(ପି.ଏନ): କେନ୍ଦ୍ର ସରକାର ଉପରେ ବର୍ଷିଲା ବିଜେଡି । କେନ୍ଦ୍ର ସରକାର ଓଡିଶା ପ୍ରତି ବାରମ୍ବାର ଅବହେଳା କରୁଥିବା ଅଭିଯୋଗ କରି ବିକ୍ଷୋଭ ପ୍ରଦର୍ଶନ କରିଛି ବିଜେଡି । ପ୍ରଧାନମନ୍ତ୍ରୀ ଗରିବ ପରିବାରକୁ ମୁଣ୍ଡ ପିଛା ୫ କେଜି ଚାଉଳ ଯୋଗାଣରୁ ବଂଚିତ କରାଯାଇଥିବା ନିଷ୍ପତି ବିରୁଦ୍ଧରେ ଆଜି ଜୟପୁର ବିଜେଡି ତରଫରୁ ବିକ୍ଷୋଭ କରାଯାଇଛି । ବିଜେଡି ନେତା ସୂର୍ଯ୍ୟ ନାରାୟଣ ରଥଙ୍କ ଆହ୍ୱାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଶହରା ପଡିଆ ଠାରୁ ବିଶାଳ ଶୋଭାଯାତ୍ରା ବାହାରି ଜୟପୁର ବ୍ଲକ ଅଫିସ ଠାରେ ପହଂଚି ଧାରଣା ଦିଆଯାଇ ବିକ୍ଷୋଭ ଦିଆଯାଇଥିଲ । ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ରାଜୀବ ଦାସଙ୍କ ଜରିଆରେ ଦାବି ପତ୍ର ପ୍ରଦାନ କରାଯାଇଛି । ଧରଣା ସ୍ଥଳରେ କେନ୍ଦ୍ର ସରକାର ଉପରେ ବିଜେଡି ନେତା ମାନେ ବର୍ଷିଥିଲେ କେନ୍ଦ୍ର ସରକାର ଏ ଭଳି ଚାଉଳ ମାରଣା ନୀତି ଏବଂ ଗରିବ ଓ ଚାଷୀ ପେଟରେ ନାତ ମାରିବା ଭଳି ମୋନଭାବକୁ ତୀବ୍ର ନନ୍ଦା କରିବା ସହ ବୈମାତୃକ ନିଷ୍ପତି ବିରୁଦ୍ଧରେ ବର୍ଷିଥିଲେ । ଯଦି କେନ୍ଦ୍ର ସରକାର ଏ ବାବଦରେ ତୁରନ୍ତ କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଆଗକୁ ବିଜେଡି ଦଳ ଏହାର ଉଚିତ ଜବାବ ଦେବା ସହିତ ଆନ୍ଦୋଳନକୁ ଆହୁରି ଜୋର ଦାର କରିବ ବୋଲି ଚେତାବନି ଦେଇଛି। ଏହି ଧାରଣା ବିକ୍ଷୋଭରେ ଜିଲାପରିଷଦ ଉପାଧକ୍ଷ ରାଧା ବିନୋଦ ସାମନ୍ତରାୟ, ପୌର ଉପାଧକ୍ଷ ବି ସୁନିତା. ବାଲା ରାୟ, ସୁବାସ ରାଉତ, ହିମାଂଶୁ ମହାପାତ୍ର, ଅନୁପ ପାତ୍ର, ରମା କାନ୍ତ ରାଉଳ, ଶିଷ୍ଣା ପାଣି, ଗାୟତ୍ରୀ ଦେବି ସମେତ ବିଜେଡିର ଶତାଧିକ କର୍ମି ଉପସ୍ଥିତ ଥିଲେ ।

# ୪ର୍ଥ ଛବିନ୍ଦ୍ର ଅମର ସ୍ମାରକୀ ଟ୍ରଫି-ଜୁଭେନାଇଲ୍‌କୁ ହରାଇ ବାଲେଶ୍ୱର ଚମ୍ପିୟାନ

ପାରାଦୀପ,(ପି.ଏନ): ପାରାଦୀପ ମଧୁବନ ଖେଳ ପଡିଆ ଠାରେ ଚାଲିଥିବା ୪ର୍ଥ ଛବିନ୍ଦ୍ର ଅମର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ କଟକର ଜୁଭେନାଇଲ୍ କ୍ରିକେଟ୍ କ୍ଲବ ଓ ବାଲେଶ୍ୱରର ଆଦର୍ଶ ପୁରୀ କ୍ରିକେଟ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ରବିବାର ଦିନ ଆୟୋଜିତ ଫାଇନାଲ ମ୍ୟାଚରେ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ । ବାଲେଶ୍ୱର ଦଳ ୨୪.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୮୩ ରନ୍ କରିଥିଲେ । ଜବାବ୍‌ରେ ଜୁଭେନାଇଲ୍ ଦଳ ମାତ୍ର ୯୧ ରନ୍ କରିବାରେ ସକ୍ଷମ ହୋଇଥିଲେ । ବାଲେଶ୍ୱରର ଆଦର୍ଶ ପକ୍ଷରୁ ଶେଖର ମାଝୀ ମ୍ୟାନ୍ ଅଫ ଦି ମ୍ୟାଚ୍ ହୋଇଥିବା ବେଳେ ସାଇଦୀପ ମହାପାତ୍ର ମ୍ୟାନ୍ ଅଫ ଦି ସିରିଜ୍ ହୋଇଥିଲେ । ପୁରସ୍କାର ବିତରଣୀ ସମାରୋହରେ ପାରାଦୀପ ମ୍ୟୁନିସିପାଲିଟିର ଅଧକ୍ଷ ବସ' ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ । ସମାରୋହରେ ଗୋପବନ୍ଧୁ କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ,କ୍ରୀଡା ଉପଦେଷ୍ଟା ରବିନ୍ଦ୍ର କୁମାର ଦାସ,ପାରିଷଦ ପ୍ରତାପ କୁମାର ନାୟକ ଏବଂ ଧର୍ମେନ୍ଦ୍ର ପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ଉତ୍କଳ ରାଉତ, ତୁଷାର ପ୍ରଧାନ,ଦେବେନ୍ଦ୍ର ନାୟକନିହାର ରଂଜନ ବଲିୟାର ସିଂ,ସତ୍ୟ ରଂଜନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

# ଭୀମସେନ ରାଉତ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ଢେଙ୍କିକୋଟ,(ପି.ଏନ): ଘଟଗାଁ ବ୍ଲକ ଅଂଚଳର ବିକାଶର ଅଗ୍ରଦୂତ ତଥା ଶିକ୍ଷା ସଂସ୍କାରକ,ସମାଜ ସେବକ ୰ଭୀମସେନ ରାଉତଙ୍କ ଜନ୍ମଜୟନ୍ତୀ ସମାରୋହ ଓ ପ୍ରତିଭା ସମ୍ମାନ ଉତ୍ସବ ଆଗାମୀ ମାର୍ଚ୍ଚ ୧୦ତାରିଖରେ ଅନୁଷ୍ଠିତ ହେବା ଲାଗି ସ୍ଥାନୀୟ ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠ ପ୍ରାଙ୍ଗଣରେ ପଞ୍ଚମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଭାଗିରଥି ନାୟକଙ୍କ ଅଧକ୍ଷତାରେ ଉକ୍ତ ପ୍ରସ୍ତୁତି ବୈଠକରେ ଅତିଥି ବକ୍ତାମାନ ସ୍ୱର୍ଗତ ରାଉତଙ୍କ ଜୀନବ ଶୈଳୀ ଉପରେ ଆଲୋକପାତ କରିବା ସହ ଘଟଗାଁ ବ୍ଲକ ଅଂଚଳରେ ସେ ଯେପରି ଶିକ୍ଷାର ଆଲୋକ ବର୍ତ୍ତିକା ଜାଳି ଜନମାନସରେ ସର୍ବଦା ରହିଆସିଛନ୍ତି ତାହା ସ୍ମୃତିଚାରଣ କରାଯାଇଥିଲା । ଶିକ୍ଷା ଓ ଶିକ୍ଷାୟତନ ପାଇଁ ଯୁବପୀଢିଙ୍କୁ ତାଙ୍କ ନିଃସ୍ୱାର୍ଥପର ପ୍ରେରଣା ଓ ତ୍ୟାଗ ଯୁଗ ଯୁବକୁ ଅବିସ୍ମରଣୀୟ ହୋଇ ରହିଛି ବୋଲି ସେ ସମ୍ବନ୍ଧରେ ଭୀମସେନ ରାଉତ ସ୍ମୃତି ପରିଷଦ ଆଗାମୀ ଜୟନ୍ତୀ ଉତ୍ସବରେ ବିଭିନ୍ନ କାର୍ଯ୍ୟକ୍ରମାନ ଆୟୋଜନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ହାଇସ୍କୁଲ ଓ କଲେଜ ମାନଙ୍କରେ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ସ୍ମୃତି ପରିଷଦ ତରଫରୁ ପ୍ରତିଭା ସମ୍ମାନ ଓ ଆର୍ଥିକ ପୁରସ୍କାର ରାଶି ରଖିବାକୁ ସ୍ଥିର କରାଯାଇଛି । ଏଥିପାଁ ଘଟଗାଁ ବ୍ଲକକୁ ଚାରୋଟି ଶାଖାରେ ବିଭକ୍ତ କରାଯାଇ ଆବାହକ ଓ ବ୍ୟବସ୍ଥିତ ଢଙ୍ଗରେ ଜୟନ୍ତୀ ପ୍ରସ୍ତୁତି କରିବାକୁ ଦାୟୀତ୍ୱ ନ୍ୟସ୍ତ କରାଯାଇଛି । ଚଳିତ ମାସ ୨୫ ତାରିଖରେ ପିପିଳିଆ, ୨୬ରେ ପଣ୍ଡାପଡା ଓ ମାର୍ଚ୍ଚ ୫ ତାରିଖରେ ଘଟଗାଁ ଠାରେ ସମାରୋହର ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିବା ଜଣାପଡିଛି । ଆଲୋଚନାରେ ସମାଜସେବୀ କୁଳମଣୀ ମଣ୍ଡଳ, ଉଜ୍ଜ୍ୱଳ ସାହୁ, ଜଗବନ୍ଧୁ ମହାନ୍ତ, ଅଶୋକ ନାଥ, ଗୋବର୍ଦ୍ଧନ ରାଉତ, ଗଙ୍ଗାଧର ସାହୁ, ନିର୍ମଳ ନାୟକ,କେଦାର ସିଂହ, ହରିହର ବାରିକ, ରାଧାକାନ୍ତ ବେହେରା, ଶେଖ୍ ଦାଉଦ୍ , ଶେଖ୍ ଅବଦୁଲ ମୋତିନ୍, ନିରାକାର ନାୟକ, କବିନ୍ଦ୍ର ରାଉତଙ୍କ ସହ ଅନ୍ୟମାନେ ଯୋଗ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ମତାମତ ରଖିଥିଲେ ।

# ସଫଳ ଚାଷୀ ପ୍ରମୋଦ କୁମାର ମହାନ୍ତ





ଚମ୍ପୁଆ,(ପି.ଏନ): ଚାଷ କାମ ଯାହାର କେତେ ସୁଖ ତାହାର ଏହି କଥାକୁ ପ୍ରମାଣ କରି ପାରିଛନ୍ତି ଚମ୍ପୁଆ ବ୍ଲକର ଇଚିଣ୍ଡା ଗ୍ରାମର ଉଦିୟମାନ ଯୁବ ଚାଷୀ ପ୍ରମୋଦ ମହାନ୍ତ। ଚାକିରୀ କରିବି ବଡ ମଣିଷ ହେବି ଏହି ଆଶା ନେଇ ଚାକିରୀ ଅନ୍ୱେଷଣରେ ବାହାରିଥିଲେ ପ୍ରମୋଦ। ପ୍ରଥମେ ଯୋଡା ବଡବିଲ ଅଂଚଳରେ ନିଜ କର୍ମ ମୟ ଜୀବନ ଆରମ୍ଭ କରିବାପରେ ମନ ନ ବୁଝିବାରୁ ସେ ସୁଦୁର ବାଙ୍ଗାଲୁରୁକୁ ଯାଇ ଏକ ବେସରକାରୀ କମ୍ପାନୀରେ ଚାକିରୀ କରୁଥିଲେ। ମାତ୍ର ଚାକିରୀର ୩ ବର୍ଷ ପରେ ୨୦୧୪ ମସିହାରେ ସେ ନିଜ ମା ମାଟିର ଡାକ ଶୁଣି ଘରକୁ ଫେରି ଚାଷ କାର୍ଯ୍ୟରେ ବାପାଙ୍କୁ ସାହାର୍ଯ୍ୟ କରିବାରେ ଲାଗିଲେ। ଏପରିକି ଅଧିକରୁ ଅଧିକ ଚାଷକରିବାକୁ ମନ ବଳାଇ ବିଭିନ୍ନ ପନିପରିବା ଚାଷ କରିବା ଆରମ୍ଭ କଲେ। ମାତ୍ର ସେତେଟା ସଫଳ ନହେବାରୁ ସେ ଚାଷକୁ ଉନ୍ନତ କରଣ କରିବା ପାଇଁ ଲାଗିପଡିବା ସହିତ କେଇ ଡେସିମଲ୍ ଚାଷକୁ ଛାଡି ୭ ଏକର ଜମିରେ ଚାଷକରିବା ଆରମ୍ଭ କଲେ। ଏଥିପାଇଁ ଚମ୍ପୁଆ ଉଠାଜଳ ସେଚନ ବିଭାଜନ ପକ୍ଷରୁ ଏକ ଗଭୀର ନଳକୂପ ପ୍ରଦାନ କରାଯାଇଥିଲା। ଏହି ଜଳ ସେଚନ ମାଧ୍ୟମରେ ସ୍ଥାନୀୟ ତଥା ଜିଲ୍ଲା ବଜାର ଆବଶ୍ୟକ କରୁଥିବା ପୋଟଳ, ଲଙ୍କା, କଲରା, ଫୁଲ କବି, ବିଲାତି ବା ଟମାଟୋ ଓ ବିମ ସହିତ ନାଲି ତରଭୁଜ ଚାଷ କରି ବେଶ ସଫଳ ହୋଇପାରିଥିଲେ। ଏତିକିରେ ତାଙ୍କ ମନ ମାନି ନଥିଲା ଗତ ବର୍ଷ ଏକ ସୁଆଦିଆ ହଳଦିଆ ତରଭୁଜ ଚାଷ କରି ବେଶ ଲାଭବାନ ହେବା ସହିତ ଏକ ସଫଳ ଚାଷୀର ପରିଚୟ ପାଇପାରିଥିଲେ। ପ୍ରମୋଦଙ୍କୁ କହିବା ଅନୁଯାୟୀ ଉନ୍ନତ କିସମର ଚାଷ କରି ବାର୍ଷିକ ୧୧ ରୁ ୧୨ ଲକ୍ଷ ଟଙ୍କା ଲାଭ ମିଳୁଥିଲା। ମାତ୍ର ଚଳିତ ବର୍ଷ ବଜାରରେ ପରିବା ଦର କମ୍ ରହିଥିବାରୁ ସେପରି ଲାଭ ହେବାର ସମ୍ଭାବନା ନାହିଁ। ଏପରିକି ଚାଷ ତୁଳନାରେ ଶ୍ରମିକ ମଜୁରୀ ବଳେଇ ପଡୁଥିବା କହିଛନ୍ତି। ପ୍ରମୋଦ ମହାନ୍ତଙ୍କ ଉତ୍ପାଦିତ ସାମଗ୍ରି କଟକ, ବାଙ୍ଗାଲୁରୁ, ଜାଜପୁର, ବାଲିଚନ୍ଦ୍ରପୁର ଆଦିଅଂଚଳକୁ ରପ୍ତାନି କରାଯାଉଛି। ବର୍ତମାନ ପ୍ରମୋଦ ମହାନ୍ତ ୧୧ ଏକର ଜମିରେ ଚାଷ କରିବା ସହିତ ପଲି ହାଉସ୍ ମାଧ୍ୟମରେ ଲଙ୍କା, ବାଇଗଣ, କଲରା, ବିଲାତି, ଚାରା ବିକ୍ରି କରି ବେଶ ଲାଭବାନ ହୋଇପାରିଛନ୍ତି। ହେଲେ ଅରଡେଇ ନଦି କୂଳରେ ଥିବା ୭ ଏକର ଚାଷ ଜମି ରେ ପାଣି ମଡେଇବା ପାଇଁ ମେସିନ ବ୍ୟବହାର କରାଯାଉଥିବାରୁ ପ୍ରତ୍ୟହ ୨ ହଜାରୁ ଉର୍ଦ୍ଧ ଟଙ୍କାର ତେଲ ପୋଡିଯାଉଥିବା ଯଗୁଁ ସେ ଉଠାଜଳସେଚନ ବିଭାଗ ଦ୍ୱାରା ଶୋଲାର ପ୍ରକଳ୍ପ ମିଳିଲେ ଏହି ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ପ୍ରମୋଦ ସୂଚନା ଦେଇଛନ୍ତି। ପ୍ରମୋଦଙ୍କ ଏହି ସଫଳତା ପାଇଁ ପାଣି ପଂଚାୟତ ପକ୍ଷ ପାଳନ ଅବସରରେ ଜିଲ୍ଲା ସ୍ତରରେ ଓ ରାଜ୍ୟ ସ୍ତରରେ ସଫଳ ଚାଷୀ ଭାବେ ପୁରସ୍କୃତ ହୋଇ ଚାଷୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।

# ପ୍ରାଇଭେଟ୍ ହୋମିଓପାଥିକ ପେସାଦାର ସଂଘର ସାମ୍ବାଦିକ ସମ୍ମିଳନୀ




କଟକ, (ପି.ଏନ):ରବିବାର ମଧ୍ୟାହ୍ନରେ କଟକ ବକ୍ସିବାଟି ରୋଡ଼ ସ୍ଥିତ ହୋଟେଲ ଦ୍ୱାରିକା ସମ୍ମିଳନୀ କକ୍ଷରେ ହୋମିଓପ୍ୟାଥି ପେସାଦାର ସଂଘର ସଭାପତି ନେତ୍ରାନନ୍ଦ ଭୋଇଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ଗ୍ରାମାଞ୍ଚଳରେ କାର୍ଯ୍ୟରତ ହୋମିଓପାଥିକ ପେସାଦାର ମାନଙ୍କୁ ପୂର୍ବରୁ ସରକାରଙ୍କ ଦ୍ୱାରା ଏକ ପଞ୍ଜୀକୃତ କରାଯାଇ ମାନ୍ୟତା ପ୍ରଦାନ କରାଯାଇ ନିରବଚ୍ଛିନ୍ନ ଭାବେ ଜନସାଧାରଣଙ୍କୁ ସେବା ଯୋଗାଇ ଆସୁଥିଲେ କ୍ଷ କିନ୍ତୁ ଏହି ପ୍ରକ୍ରିୟା ଅନ୍ୟରାଜ୍ୟରେ ପ୍ରଚ଼ଳିତ ଥିବାବେଳେ ଆମ ରାଜ୍ୟରେ ଏହାକୁ ୨୦୧୪ ମସିହାରେ ନିଷେଧ ଘୋଷଣା କରିଛନ୍ତି । ଫଳରେ ସେବା କର୍ଯ୍ୟରେ ନିୟୋଜିତ ହଜାର ହଜାର ଚ଼ିକିତ୍ସକମାନେ ସେମାନଙ୍କର ଜୀବିକା ହରାଉଛନ୍ତି । ଏହାଦ୍ୱାରା ସେମାନଙ୍କ ପରିବାର ପ୍ରତିପୋଷଣ କରିବା କଷ୍ଟସାଧ ହୋଇପଡ଼ିଛି । ଏ ଦିଗରେ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ ସଂଘର ନ୍ୟାର୍ଯ୍ୟ ଦାବି ପ୍ରତି ବୈମାତୃକ ମନଭାବ ପୋଷଣ କରିଛନ୍ତି ରାଜ୍ୟ ସରକାର କ୍ଷ ଫଳରେ ହୋମିଓପାଥିକ୍ ଚ଼ିକିତ୍ସା ଉପରୁ ସାଧାରଣ ଲୋକଙ୍କ ଭରସା ଶୂନ୍ୟ ହୋଇପଡିବା ଦେଖିବାକୁ ମିଳିଛି। ଏହି ଡାକ୍ତର ମାନଙ୍କ ଲାଗିରହିଥିବା ସମସ୍ୟାକୁ ସମାଧାନ ନ କଲେ ଆଗାମୀଦିନରେ ଜନଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଙ୍ଘର ଉପସଭାପତି ଜଗନ୍ନାଥ ଦାଶ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ବାରିକ, କୋଷାଧକ୍ଷ ମହିନ୍ଦ୍ର କୁମାର ସାହୁ, ପୂର୍ବତନ ହୋମିଓପାଥି ବୋର୍ଡର ସଭାପତି ତଥା ମୁଖ୍ୟ ଉପଦେଷ୍ଟା ଡା ପ୍ରଦୀପ ରାଓ, ଆଇନ୍ ଉପଦେଷ୍ଟା ରମଣୀ କାନ୍ତ ପଟ୍ଟନାୟକ ଓ ଉପଦେଷ୍ଟା ନିହାର ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray